

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୯୦ ● ୩୦ ଅପ୍ରେଲ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-90 ● 30th April 2026, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଆସିଲା ଏକଜିଟ୍ ପୋଲ୍’ର ଆକଳନ

# ଆସାମ, ପଶ୍ଚିମବଙ୍ଗରେ ବିଜେପି, ତାମିଲନାଡୁରେ ପୁଣି ଡିଏମକେ, କେରଳରେ ଆଗରେ ୟୁଡିଏଫ୍

**ନୂଆଦିଲ୍ଲୀ, ୨୯।୪**

କେରଳ, ଆସାମ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଚାରିଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପାଇଁ ଭୋଟ୍ ଗ୍ରହଣ ପରେ ଘୋଷଣା କରାଯାଇଥିବା ଏକଜିଟ୍ ପୋଲରେ ପୂର୍ବାନୁମାନ ଅନୁସାରେ ବିଜେପି ତୃତୀୟ ଥର ପାଇଁ ଆସାମରେ ସରକାର ଗଠନ କରିବାକୁ ଯାଉଛି। ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବୁଧବାର ଶେଷ ହେବା ସହିତ, ଗତ ମାସେ ଧରି ତାମିଲନାଡୁ ସମେତ ୫ଟି ରାଜ୍ୟରେ ଚାଲିଥିବା ବିଧାନସଭା ନିର୍ବାଚନ ବୁଧବାର ଶେଷ ହୋଇଛି। ଏବେ ନିର୍ବାଚନ ପରବର୍ତ୍ତୀ ଏକଜିଟ୍ ପୋଲ ପ୍ରକାଶ ପାଇଛି।

ଆସାମରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି ଏବଂ ପୂର୍ବତନ ଆସାମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ତରୁଣ ଗୋଗୋଇଙ୍କ ପୁଅ ଗୌରବ ଗୋଗୋଇଙ୍କ ନେତୃତ୍ୱରେ କଂଗ୍ରେସ ମଧ୍ୟରେ ସିଧାସଳଖ




ଲଢ଼େଇ ହୋଇଥିଲା।

ଆକ୍ସିସ୍-ମାଇଁ ଇଣ୍ଡିଆ ଏକଜିଟ୍ ପୋଲ ଅନୁଯାୟୀ, ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ୮୮-୧୦୦ ଆସନ ପାଇବା ନେଇ ଆକଳନ କରାଯାଇଛି। ଯେଉଁଠାରେ ଅଧା ଅଙ୍କ ହେଉଛି ୬୧। ଏଠାରେ କଂଗ୍ରେସକୁ ୨୪-୩୬ ଆସନ ମିଳିବା ନେଇ ପୂର୍ବାନୁମାନ କରାଯାଇଛି।

ମାଟ୍ରିଜ୍ ଏକଜିଟ୍ ପୋଲରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ୮୫-୯୫ ଆସନ ପାଇବ ବୋଲି ଦର୍ଶାଯାଇଥିବା ବେଳେ କଂଗ୍ରେସ ୨୫-୩୨ ଏବଂ ଅନ୍ୟାନ୍ୟ ଓ ସ୍ୱାଧୀନ ପ୍ରାର୍ଥୀ ୬-୧୨ ଆସନ ପାଇବେ ବୋଲି ପୂର୍ବାନୁମାନ କରାଯାଇଛି।

ସିଏନଏନ ନ୍ୟୁଜ୍ ଆକଳନ ଅନୁଯାୟୀ, ଆସାମରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ୯୦-୧୦୦ ଆସନ ଆଣିବାକୁ ଭବିଷ୍ୟବାଣୀ ହୋଇଥିବା ବେଳେ କଂଗ୍ରେସ ୨୩-୩୩ ଆସନ ପାଇପାରିବ ଏବଂ ଏୟୁଡିଏଫ ୦-୬ ଆସନ ଜିତିପାରେ।

ପିପୁଲ୍ସ ପଲ୍ସର ଏକଜିଟ୍ ପୋଲ ଆସାମରେ ଶାସକ ବିଜେପିକୁ ୬୮-୭୨ ଆସନ ଦେଇଥିବା ବେଳେ ଏହା ପୂର୍ବାନୁମାନ କରିଛି ଯେ, ବିରୋଧୀ କଂଗ୍ରେସ ୨୨-୨୬ ଆସନ ଜିତିପାରିବ ଏବଂ ଅନ୍ୟାନ୍ୟ ଓ ସ୍ୱାଧୀନ ପ୍ରାର୍ଥୀମାନେ ୧୧-୧୫ ଆସନ ଜିତିପାରିବେ।

ଆସାମରେ ସମସ୍ତ ୧୨୬ ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍ ୯ ଏପ୍ରିଲ୍‌ରେ ହୋଇଥିଲା ଏବଂ ୮୫.୩୮ ପ୍ରତିଶତ ଭୋଟ୍ ହାର ରେକର୍ଡ କରାଯାଇଥିଲା।

ସେହିପରି ପଶ୍ଚିମବଙ୍ଗ ରାଜ୍ୟ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା ୬ଟାରେ ମତଦାନ ଆନୁଷ୍ଠାନିକ ଭାବେ ଶେଷ ହେବା ସହିତ ଏକଜିଟ୍ ପୋଲ୍ ଆକଳନ ଦର୍ଶାଉଛି ଯେ, ବିଜେପି ରାଜ୍ୟରେ ଆଗରେ ରହିଛି। କେତେକଙ୍କ ଆକଳନ ଅନୁଯାୟୀ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସ୍ପଷ୍ଟ ଭାବେ ଲାଭବାନ ହେବ।

ପିପୁଲ୍ସ ପଲ୍ସ ଶାସକ ଟିଏମ୍‌ସିକୁ ୧୭୭-୧୯୭ ଆସନ ଦେଇଛି, ଯେଉଁଥିରେ ବିଜେପିକୁ ୯୫-୧୧୦ ଏବଂ ଅନ୍ୟମାନଙ୍କୁ ଗୋଟିଏ ଆସନର ଅନୁମାନ କରିଛି।

ମାଟ୍ରିଜ୍ ଟିଏମସିକୁ ୧୨୫-୧୪୦, ବିଜେପିକୁ ୧୪୬-୧୬୧ ଏବଂ ଅନ୍ୟାନ୍ୟଙ୍କୁ ୬-୧୦ ଆସନ ଦେଇଛି।

ପି-ମାର୍କ ବିଜେପିକୁ ୧୫୦-୧୭୫, ଟିଏମସିକୁ ୧୧୮-୧୩୮ ଏବଂ କଂଗ୍ରେସକୁ ୨-୬ ଆସନ ଦେଇଛି।

ପ୍ରଜା ପୋଲ୍ ଆନାଲିଟିକ୍ସ ଅନୁଯାୟୀ ବିଜେପି ପ୍ରଥମ ଥର ପାଇଁ ରାଜ୍ୟରେ ୧୯୩ ଆସନ ସହିତ ସରକାର ଗଠନ କରିବ, ଟିଏମସି କେବଳ ୧୦୦ ଆସନ ଜିତି ଦ୍ୱିତୀୟ ସ୍ଥାନରେ ରହିବ। (ପୃଷ୍ଠା ୭ରେ)

## ଆଜି ବିଧାନସଭାର ସ୍ୱତନ୍ତ୍ର ଦିନିକିଆ ଅଧିବେଶନ

### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



**ଭୁବନେଶ୍ୱର, ୨୯।୪**
**ନ୍ୟୁଜ୍‌ବ୍ୟୁରୋ**

ମହିଳାଙ୍କୁ ଅଧିକାର ପ୍ରଦାନ ପ୍ରସଙ୍ଗରେ ବିରୋଧୀ ଦଳ ବିଜେଡି ଓ କଂଗ୍ରେସଙ୍କୁ କାଠଗଡ଼ାକୁ ଟାଣିବା ପାଇଁ ରାଜ୍ୟ ବିଜେପି ସରକାର ଗୁରୁବାର ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଆହୁତ କରିଛନ୍ତି। ବିରୋଧୀ ଦଳଙ୍କୁ ମହିଳା ବିରୋଧୀ ଦର୍ଶାଇବା ପାଇଁ ବିଧାନସଭାରେ ବିଧିବଦ୍ଧ ଭାବେ ପାରିତ ହେବ ସଂକଳ୍ପ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛି ଶାସକ ଦଳ। ସେହିପରି ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ନେଇ ବିଜେପିକୁ ପ୍ରତି ଆକ୍ରମଣ କରିବାକୁ ସୁଯୋଗ ଅପେକ୍ଷାରେ ଅଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଏଭଳି ସ୍ଥିତିରେ ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ବେଶ ସରଗରମ ହେବ ବୋଲି ଅନୁମାନ କରାଯାଉଛି। ଅଧିବେଶନ ପୂର୍ବରୁ ବୁଧବାର ରାଜନୈତିକ ଉଷ୍ମତା ବାରି ହୋଇପଡିଛି। ଅଧିବେଶନ ପୂର୍ବରୁ ଉଭୟ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଦିନକ ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। କିନ୍ତୁ କୌଣସି ବିଲ୍ କିମ୍ବା କାର୍ଯ୍ୟକ୍ରମ ଆସିନାହିଁ। ମହିଳାମାନଙ୍କ ସମ୍ପର୍କରେ କେବଳ ଗୋଟିଏ ଡିବେଟ କମ୍ପିଟିସନ କରିବା (ପୃଷ୍ଠା ୭ରେ)

## ବସ୍ ସହ ଟ୍ରେଲର ଧକ୍କା : ୪ ମୃତ



**ରାଉରକେଲା, ୨୯।୪**
**ନ୍ୟୁଜ୍‌ବ୍ୟୁରୋ**

ରାଉରକେଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ଟ୍ରେଲର ଡ୍ରାଇଭର ବସ୍ ଡ୍ରାଇଭର, ବସ୍ କଣ୍ଡକ୍ଟର ସହ ବସ୍ ହେଲପରଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଖବର ଅନୁଯାୟୀ, ଏକ ଘରୋଇ ଯାତ୍ରୀବାହୀ ବସ୍ ଯାଜପୁର ଅଭିମୁଖେ ଯାଉଥିଲା ବେଳେ ସାମ୍ନାପଟୁ ଆସୁଥିବା ଟ୍ରେଲର ଓ ବସ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ବସ୍ କଣ୍ଡକ୍ଟର ବସ୍ ହେଲପରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଦୁର୍ଘଟଣାରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବଣାଇ ଅଗ୍ନିଶମ ଟିମ୍ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ମୃତାହତଙ୍କୁ ଉଦ୍ଧାର କରାଯାଇ ଥିଲା। ୪ ଜଣଙ୍କ ମୃତଦେହ ବଣାଇ ଡାକ୍ତରଖାନା ଶବ ଗୃହରେ ରଖାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଗଙ୍ଗା ଏକ୍ସପ୍ରେସୱେର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

# ‘ବିକାଶର ନୂଆ ଲାଇଫ୍ ଲାଇନ୍’

**ନୂଆଦିଲ୍ଲୀ, ୨୯।୪**

ଉତ୍ତର ପ୍ରଦେଶର ଭିତ୍ତିଭୂମି ଏବଂ ଆର୍ଥିକ ପ୍ରଗତି କ୍ଷେତ୍ରରେ ଆଜି ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ରାଜ୍ୟର ସବୁଠାରୁ ଲମ୍ବା ‘ଗଙ୍ଗା ଏକ୍ସପ୍ରେସୱେ’ର ଲୋକାର୍ପଣ କରିଛନ୍ତି। ହରଦୋଇ ଜିଲ୍ଲାର ମଲ୍ଲୱାଁଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ଏହି ୩୬,୨୩୦ କୋଟି ଟଙ୍କାର ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ଦେଶବାସୀଙ୍କୁ ଉତ୍ସର୍ଗ କରିଛନ୍ତି।

୫୯୪ କିଲୋମିଟର ଲମ୍ବା ଏହି ଏକ୍ସପ୍ରେସୱେ ପଶ୍ଚିମ ୟୁପିର ମିରଟକୁ ପୂର୍ବ ୟୁପିର ପ୍ରୟାଗରାଜ ସହିତ ସିଧାସଳଖ




ଯୋଡ଼ିବ। ଏହା ଦ୍ୱାରା ପ୍ରଦେଶର ୧୨ଟି ଜିଲ୍ଲା ଏବଂ ପ୍ରାୟ ୫୧୯ଟି ଗ୍ରାମ ଉପକୃତ ହେବେ। କେବଳ ଯାତାୟାତ ନୁହେଁ, ଏହି ମାର୍ଗରେ ୧୨ଟି ଶିଳ୍ପ କରିଡର (ଇଣ୍ଟିଗ୍ରେଟେଡ୍ ମାନୁଫାକ୍‌ଚରିଂ ଏବଂ ଲଜିଷ୍ଟିକ୍ କ୍ଲଷ୍ଟର) ବିକଶିତ କରାଯାଉଛି, ଯାହା ଉତ୍ତର ପ୍ରଦେଶର ଅର୍ଥନୀତି ପାଇଁ ଏକ ବଡ଼ ପରିବର୍ତ୍ତନ ଆଣିବ।

ଗଙ୍ଗା ଏକ୍ସପ୍ରେସୱେର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଶାହାଜାହାନପୁରର ଜଲାଲାବାଦ ନିକଟରେ ନିର୍ମିତ ୩.୫ କିଲୋମିଟର ଲମ୍ବା (ପୃଷ୍ଠା ୭ରେ)

## ସଂସ୍କାର ନାମରେ ଧର୍ମର ମୌଳିକ

# ସଂରଚନାକୁ ଦୁର୍ବଳ କରାଯାଇପାରିବ ନାହିଁ

**ନୂଆଦିଲ୍ଲୀ, ୨୯।୪**

କେରଳର ସାବରୀମାଳା ମନ୍ଦିର ସମେତ ବିଭିନ୍ନ ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି। ସାମାଜିକ ସଂସ୍କାର ନାମରେ ଧର୍ମର ମୌଳିକ ସଂରଚନାକୁ ଦୁର୍ବଳ କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଶୁଣାଣି ସମୟରେ, ଜଷ୍ଟିସ୍ ବି.ଭି. ନାଗରତ୍ନା କହିଛନ୍ତି ଯେ, ଭାରତର ସଭ୍ୟତା ଏବଂ ଧାର୍ମିକ ଇତିହାସକୁ ଅଣଦେଖା କରିବା ଅସମ୍ଭବ। ସମ୍ବିଧାନର ଧାରା ୨୫ ଏବଂ ୨୬ ମଧ୍ୟ ଏହି ଐତିହାସିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିରୁ ବିକଶିତ ହୋଇଛି। କୋର୍ଟଙ୍କ ମତରେ, ବର୍ତ୍ତମାନକୁ ବୁଝିବା ପାଇଁ ଅତୀତକୁ ଅଣଦେଖା କରାଯାଇପାରିବ ନାହିଁ।

ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଯୁକ୍ତି ଦର୍ଶାଇଥିଲେ ଯେ, ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ବଳବତ୍ତର ରହିଛି ଏବଂ ଏହାକୁ ଅବରୋଧ କରାଯାଇ ନାହିଁ। ଏହା ସତ୍ତ୍ୱେ, ରାଜ୍ୟ ସରକାରଙ୍କ ପର୍ଯ୍ୟାପ୍ତ ସହଯୋଗର ଅଭାବ ଦର୍ଶାଇ ମହିଳାମାନେ ମନ୍ଦିରରେ ପ୍ରବେଶ କରିପାରୁ ନାହାନ୍ତି। ସେ ଏହା ମଧ୍ୟ କହିଥିଲେ ଯେ କୋର୍ଟ ଧର୍ମକୁ ପରିଭାଷିତ କରନ୍ତି ନାହିଁ, ବରଂ ଏହା ଧାର୍ମିକ ପରମ୍ପରା ଏବଂ ବିଶ୍ୱାସ ପାଇଁ ନିର୍ଣ୍ଣୟ କରିବାର ବିଷୟ।

## ମେ’ ୨ରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ

**କଟକ, ୨୯।୪**
**ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ମେ’ ୨ ତାରିଖରେ ପ୍ରକାଶ ପାଇବ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟର ଦଶମ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇବାକୁ ଯାଉଛି। ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଦେଖି ହେବ ରେଜଲ୍ଟ। ନିଜର ମୋବାଇଲରୁ ମଧ୍ୟ ରେଜଲ୍ଟ ଜାଣି ପାରିବେ ଛାତ୍ରଛାତ୍ରୀ। OR10 space ନିଜର ରୋଲ ନମ୍ବରକୁ ଟାଇପ୍ କରି ୫୬୭୬୭୫୦କୁ ମେସେଜ କଲେ ରେଜଲ୍ଟ ଜାଣି ହେବ। ସ୍କୁଲ ପ୍ରଧାନ ଶିକ୍ଷକମାନେ ନିଜର ୟୁଜର ଆଇଡି ଏବଂ ପାସୱାର୍ଡ ବ୍ୟବହାର କରି ମଧ୍ୟ ରେଜଲ୍ଟ ଜାଣି ପାରିବେ। (ପୃଷ୍ଠା ୭ରେ)

# କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ



**କେନ୍ଦୁଝର, ୨୯।୪: ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦୁଝର ଠାରେ ଏକାଧିକ ମହତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ (ପୃଷ୍ଠା ୭ରେ)

## ଭୂକମ୍ପ ଝଟ୍‌କାରେ ଥରିଲା କଳାହାଣ୍ଡି

**ଭବାନୀପାଟଣା, ୨୯।୪**
**ନ୍ୟୁଜ୍‌ବ୍ୟୁରୋ**

ଭୂକମ୍ପ ଝଟ୍‌କାରେ ଥରିଲା କଳାହାଣ୍ଡି। ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ୪୩ ମିନିଟ ସମୟରେ କଳାହାଣ୍ଡିର ବିଭିନ୍ନ ସ୍ଥାନରେ ଭୂକମ୍ପ ଅନୁଭୂତ ହୋଇଛି। ଜିଲ୍ଲା ମହକୁମା ସମେତ ଜୁନାଗଡ଼, ଧର୍ମଗଡ଼, କୋକସରା, ଜୟପାଟଣା, କଲମପୁର, ଉତ୍କେଲା ଆଦି ଅଞ୍ଚଳରେ ପ୍ରାୟ ୨୦ ସେକେଣ୍ଡ ପାଇଁ ଭୂକମ୍ପ ଅନୁଭୂତ ହୋଇଥିଲା। ଘରର ବାସନ କୁସନ୍ ଶବ୍ଦ ହେବା ସହିତ, ଅନ୍ୟାନ୍ୟ ଆସବାବ ପତ୍ର ହଲିବା ସାଙ୍ଗକୁ କେତେକ ସ୍ଥାନରେ ଘର କାନ୍ଥ ହଲିବା କୁହାଯାଉଛି। ଭୂକମ୍ପର ତୀବ୍ରତା ଜଣାପଡ଼ିନାହିଁ। ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ ଧରଣର କ୍ଷୟକ୍ଷତି କିମ୍ବା ମୃତାହତର ଖବର ମିଳିନାହିଁ। ଏହି ଭୂମିକମ୍ପ ବହୁତ ଶକ୍ତିଶାଳୀ ଥିଲା, ତେଣୁ ଭୟରେ ଲୋକମାନେ ଘରୁ ବାହାରକୁ ପଳାଇ ଆସିଥିଲେ। ଭୂକମ୍ପ ଯୋଗୁଁ ବିଭିନ୍ନ ସ୍ଥାନରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଛି।

# ଟ୍ରମ୍ପଙ୍କ ‘ମାଷ୍ଟରପ୍ଲାନ୍’: ତେଲ ରପ୍ତାନି ଠପ୍, କ୍ରାସ୍ ହୋଇପାରେ ପୂରା ଇକୋନୋମି!

**ନୂଆଦିଲ୍ଲୀ, ୨୯।୪**

ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ଚାଲିଥିଲେ ମଧ୍ୟ ଆମେରିକା ଏବଂ ଇରାନ ମଧ୍ୟରେ ତିକ୍ତତା କମିବାର ନାଁ ନେଉନାହିଁ। ବିଶେଷକରି ହର୍ମୁଜ ପ୍ରଣାଳୀକୁ ନେଇ ସ୍ଥିତି ଏବେ ବିସ୍ଫୋରକ ମୋଡ଼ରେ ପହଞ୍ଚିଛି। ଏସବୁ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଆର୍ଥିକ ସ୍ତରରେ ପଙ୍ଗୁ କରିବା ପାଇଁ ଏକ ବଡ଼ ରଣନୀତି ପ୍ରସ୍ତୁତ କରିଛନ୍ତି। ଇରାନର ମେରୁଦଣ୍ଡ କୁହାଯାଉ ଥିବା ‘ତେଲ ରପ୍ତାନି’ ଉପରେ ଟ୍ରମ୍ପ ଏକକାଳୀନ ୩ଟି ବଡ଼ ଆକ୍ରମଣ କରିଛନ୍ତି, ଯାହାକୁ ‘ଟ୍ରିପଲ ଆଟାକ୍’ କୁହାଯାଉଛି। ଏହି କଟକଣା ଯୋଗୁଁ ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

ଇରାନ ଏବେ ଏକ ଅଭାବନୀୟ ସ୍ଥିତି ଦେଇ ଗତି କରୁଛି। ଆମେରିକା ନୌସେନା



ହର୍ମୁଜ ପ୍ରଣାଳୀରେ ନାକାବନ୍ଦୀ ଜାରି ରଖିଥିବାରୁ ଇରାନ ନିଜର କ୍ରୁଡ୍ ଅଏଲ୍ ବା କଞ୍ଚା ତେଲ ବାହାର ଦେଶକୁ ପଠାଇପାରୁ ନାହିଁ। ତେଲ ଉତ୍ପାଦନ ଜାରି ରହିଛି କିନ୍ତୁ ରପ୍ତାନି ବନ୍ଦ ଅଛି। ଫଳରେ ଇରାନର ସମସ୍ତ ତେଲ ଟାଙ୍କି ଏବଂ ସମୁଦ୍ରରେ ଭାସୁଥିବା ଟ୍ୟାଙ୍କରଗୁଡ଼ିକ ସମ୍ପୂର୍ଣ୍ଣ ଭର୍ତ୍ତି ହୋଇଗଲାଣି। ବିଶ୍ଳେଷକଙ୍କ ଅନୁସାରେ, ଇରାନ ପାଖରେ ତେଲ ରଖିବାକୁ ଆଉ ଜାଗା ନାହିଁ। ଯଦି ଏହିପରି ସ୍ଥିତି ଲାଗିରହେ, ତେବେ ଇରାନକୁ ତାର ତେଲ କୂଅଗୁଡ଼ିକୁ ବନ୍ଦ କରିବାକୁ ପଡ଼ିବ, ଯାହା ଦୀର୍ଘକାଳୀନ ଭାବେ (ପୃଷ୍ଠା ୭ରେ)

### ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୫,୩୭୧ (-୩୩) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୦୯୦ (-୩୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୫୨୮ (-୨୫) |

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

### ଏକାଳ ପଖାଳ



ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉନି ଭାଇନା
ଧୀରେ ପାଖଉଛି ଫୁଲ
ବୁଥ୍ ଫେରନ୍ତା ମତଟା ଏଥର
ଲାଗୁନି ହେବ ଯେ ଫେଲ
ଦିଦି ହେଉଥିଲେ ଗେଲ
ଚିପୁଡ଼ି ଚାପୁଡ଼ି ଲେମ୍ବୁ ପିତା ଏବେ
ବାହାରିଯିବ କି ତେଲ!!

# ତାତିର ହଟସ୍ପଟ୍ ହେବାକୁ ଯାଉଛି ଭାରତ



**ନୂଆଦିଲ୍ଲୀ, ୨୯।୪**

ପ୍ରବଳ ଗରମ ସମଗ୍ର ଭାରତର ନିଦ ହଜାଇଦେଇଛି। ଏପ୍ରିଲ ମାସରେ ହିଁ ଦେଶର ଅନେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିସାରିଛି। ଦେଶରେ ଭୟଙ୍କର ଗ୍ରୀଷ୍ମ ଲହରୀ ଆରମ୍ଭ ହୋଇସାରିଛି, ଯାହା ଯୋଗୁଁ ଅନେକ ସହର ଅତ୍ୟନ୍ତ ଗରମ ହୋଇଗଲାଣି। ପରିସ୍ଥିତି ଏପରି ହୋଇଛି ଯେ ବିଶ୍ୱ ତାପ ସଙ୍କଟର କେନ୍ଦ୍ରସ୍ଥଳ ପାଲଟିଛି ଭାରତ। ବିଶ୍ୱ ତାପମାତ୍ରା ର୍‍ୟାଙ୍କିଂ ଅନୁଯାୟୀ, ବିଶ୍ୱର ୧୦୦ଟି ଗରମ ସହର ମଧ୍ୟରୁ ୯୫ଟି ଭାରତରେ ଅଛି। ମଧ୍ୟ ଭାରତ ଏବଂ ଗାଙ୍ଗେୟ ସମତଳ ଅଞ୍ଚଳ ପର୍ଯ୍ୟନ୍ତ, ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ବୃଦ୍ଧି ପାଇଛି, କିଛି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିଛି। ଏହି ତାଲିକାରେ କେବଳ ପ୍ରମୁଖ ସହରାଞ୍ଚଳ କେନ୍ଦ୍ରଗୁଡ଼ିକ ନୁହେଁ ବରଂ ଛୋଟ ସହରଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଗ୍ରୀଷ୍ମପ୍ରବାହ କେତେ ବ୍ୟାପକ ଏବଂ ଗମ୍ଭୀର ହୋଇଛି ତାହା ଦର୍ଶାଉଛି।

ମହାରାଷ୍ଟ୍ର, ତେଲେଙ୍ଗାନା, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ଓଡ଼ିଶା ଭଳି ରାଜ୍ୟ ସର୍ବାଧିକ ପ୍ରଭାବିତ ରାଜ୍ୟମାନଙ୍କ ମଧ୍ୟରେ ଅଛି ଏବଂ ଏହି ଅଞ୍ଚଳର ଅନେକ ସହର ବିଶ୍ୱ ସ୍ତରରେ ଶ୍ରେଷ୍ଠ ୧୦୦ ସହର ମଧ୍ୟରେ ପ୍ରମୁଖ ଭାବରେ ସ୍ଥାନ ପାଇଛି। ଏତେ ବିଶାଳ ଭୌଗୋଳିକ ଅଞ୍ଚଳରେ ଅତ୍ୟଧିକ ଗରମ ବର୍ତ୍ତମାନର (ପୃଷ୍ଠା ୭ରେ)







## କେନାଲ୍‌ରେ ଖସିପଡ଼ିଲା ହାତୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନାଲ୍‌ରେ ଖସି ପଡ଼ିଲା ହାତୀ । କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜ ମଙ୍ଗଳପୁର ଗାଁରେ ରାସ୍ତା ଅତିକ୍ରମ କରୁଥିବା ବେଳେ କାନପୁର କେନାଲ୍‌ରେ ଖସି ପଡ଼ିଲା ଏକ ହାତୀ । କିଛି ସମୟର ସଂଘର୍ଷ ପରେ ହାତୀ ନିଜେ ଉଠି ପୁଣି ହାତୀପଲ ସହ ଚାଲିଯାଇଛି । ସୂଚନାଯୋଗ୍ୟ କି ବଡ଼ବିଲ ରେଞ୍ଜର ମୁର୍ଗା ଜଙ୍ଗଲରେ ଥିବା ଛବିଶ ଟିକିଆ ହାତୀପଲ ମଧ୍ୟରୁ ଦଶଟି ହାତୀ ଝାଡ଼ଖଣ୍ଡକୁ ଚାଲିଯାଇଥିବା ବେଳେ ଷୋହଳଟି ହାତୀ ଚମ୍ପୁଆ ରେଞ୍ଜକୁ ପଶି ଆସିଥିଲେ । ଏହି ଷୋହଳ ଟିକିଆ ହାତୀପଲ ମିରିଗିସିଙ୍ଗା ଜଙ୍ଗଲରେ ରହି ସନ୍ଧ୍ୟାରେ ଯାମୁଦଳଙ୍କ ମଧ୍ୟ ଦେଇ ମଙ୍ଗଳପୁର ଗାଁରେ ପଶିଆସିଥିଲେ। ତେବେ ଗ୍ରାମବାସୀ ସହ ବନ ବିଭାଗ ହାତୀପଲଙ୍କୁ ଘଉଡେଇବାକୁ ଚେଷ୍ଟା କରିଥିଲେ। ହାତୀ ପଲ ମଙ୍ଗଳପୁର ମଧ୍ୟ ଦେଇ ଜଡିପଦା ଯିବାବେଳେ ମଙ୍ଗଳପୁର ଗାଁ ମୁଣ୍ଡରେଥିବା କାନପୁର ଡ୍ୟାମ୍ କେନାଲ ଅତିକ୍ରମ କରୁଥିବା ବେଳେ ଗୋଟିଏ ହାତୀ କେନାଲ୍ ଭିତରେ ପଡିଯାଇଥିଲା । ତେବେ କିଛି ସମୟ ପରେ ନିଜେ ଚେଷ୍ଟାକରି ହାତୀଟି କେନାଲରୁ ବାହାରି ଅନ୍ୟ ହାତୀପଲଙ୍କ ସହ ଜଡିପଦା ଜଙ୍ଗଲକୁ ଚାଲିଯାଇଥିବା ନେଇ ସୂଚନା।

## ସରକାରୀ ପ୍ରୋତ୍ସାହନ ଅଭାବରୁ କୌଳିକ ବୃତ୍ତି ହରାଉଛନ୍ତି କୁମ୍ଭକାର !



**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଦିନ ଥିଲା ଡହ ଡହ ଗ୍ରୀଷ୍ମ ଦିନରେ ଲୋକେ ଘରେ ଘରେ ମାଟିରେ ନିର୍ମିତ ସୁରେଇ (ମାଟିରେ ନିର୍ମିତ ମାଠିଆ ) ବ୍ୟବହାର କରୁଥିଲେ । ଥଣ୍ଡା ପାଣି ପିଇବାର ତାହା ଥିଲା ମଧ୍ୟ ବିତ ପରିବାର ଠାରୁ ସାଧାରଣ ଲୋକଙ୍କ ପ୍ରଥମ ପସନ୍ଦ । ଥରେ ପାଣି ଭରିଲେ ଦିନ ତମାମ ପାଣିକୁ ଥଣ୍ଡା ରଖୁଥିଲା ଏହି ମାଟି ପାତ୍ର । ଲୋକେ ସ୍ଥାନୀୟ କୁମ୍ଭାର ମାନଙ୍କ ହାତ ତିଆରି ମାଠିଆ ପାଇଁ ହାଟ ବଜାର ଓ ସେମାନଙ୍କ ଘରୁ କିଣି ଆଣୁଥିଲେ । ଖାଲି ସେତିକି ନୁହେଁ କୁମ୍ଭାର ମାନଙ୍କ ହାତ ତିଆରି ମାଟିରେ ନିର୍ମିତ ମାଟି ହାଣ୍ଡି, କଳସୀ, ଦୀପ ଶିଖା, ଚୁଲା, ପଇସା ସଞ୍ଚୟ କୁମ୍ଭି, ପରି ଅନେକ ସାମଗ୍ରୀର ବଜାରରେ ବେଶ୍ ଚାହିଦା ଥିଲା । ଘରେ ପୂଜା ହେଉ ଅଥବା ବିଭାଘର ସବୁଠି ଖୋଜା ପଡୁଥିଲା କୁମ୍ଭାର ମାନଙ୍କର ମାଟିପାତ୍ର ସାମଗ୍ରୀ । ହେଲେ ଆଗପରି ଆଉ ସେମାନଙ୍କ ବ୍ୟବହାର ସାମଗ୍ରୀ ଯେମିତି ଏବେ ଅଲୋଡ଼ା ହେଇଯାଇଛି । ସମୟର ଚକ୍ରରେ ଏବେ ମାଟି ପାତ୍ର ସୁରେଇର ସ୍ଥାନ ନେଇଛି ଇଲେକ୍ଟ୍ରୋନିକ୍ସ ରେଫ୍ରିଜେଟର । ମାଟି ଦୀପ ଜାଗାରେ ଇଲେକ୍ଟ୍ରି ବଲ୍‌ବ ଆଉ ମାଟି ଚୁଲା ଜାଗାରେ ଗ୍ୟାସ୍ ଚୁଲା । ଏସବୁ ଭିତରେ କିନ୍ତୁ ନିଜର କୌଳିକ ବୃତ୍ତି ଛାଡି ନାହାନ୍ତି ଉମରକୋଟ ବ୍ଲକର ଭାମିନି ଗ୍ରାମର ଟୁନା କୁମ୍ଭାର ଓ ତାଙ୍କ ପତ୍ନୀ ରେବତୀ କୁମ୍ଭାର । ତାଙ୍କ କହିବା ଅନୁଯାୟୀ ମାଟି କାମ ଆମ ଖାଲି କୌଳିକ ବୃତ୍ତି ନୁହେଁ ଆମ ଚାରି ପ୍ରାଣୀ କୁଟୁମ୍ବର ବର୍ଷ ଯାକର ରୋଜଗାରର ମାଧ୍ୟମ । ନିଜର ଜମି ନଥିବାରୁ ନିଜ ମାଟି ତିଆରି ସାମଗ୍ରୀ ବିକି ବର୍ଷ ଯାକ ଚଳିଥାଉ । ପୁଅ, ଝିଅର ପାଠ ସାଙ୍ଗକୁ ଯାନୀ ଯାତ୍ରା ବନ୍ଧୁ ବାନ୍ଧବ ଖର୍ଚ୍ଚ ସବୁ ଏହିଥିରୁ ମିଳିଥାଏ। ହେଲେ ଦିନକୁ ଦିନ ମାଟିର ଅଭାବ ଓ ବାଲିଆ ମାଟି ପାଇଁ ପ୍ରତି ଟ୍ରାକ୍ଟର ପିଛା ମାସକୁ ୧୫୦୦ରୁ ୨୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡେ। ମାଟି ପାତ୍ର ପୋଡ଼ାଇବା ପାଇଁ ପାଳ ବାବଦକୁ ଅନ୍ୟ ଘରୁ ଟଙ୍କା ଦେଇ କିଣିବାକୁ ପଡେ । ତା ସାଙ୍ଗକୁ ପତି ପତ୍ନୀ ଦୁହେଁ ସକାଳ ୯ ଟାରୁ ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ଶ୍ରମ ଦେଲେ ହିଁ ମାସକୁ ୧୫୦୦୦ ରୁ ୧୬୦୦୦ ପର୍ଯ୍ୟନ୍ତ ରୋଜଗାର ସମ୍ଭବ ହୁଏ । ସବୁ ପ୍ରସ୍ତୁତି ସରିଲେ ସ୍ଥାନୀୟ ବଜାରରେ ବିକ୍ରି କରି ପରିବାର ପାଇଁ ଆହାର ପ୍ରସ୍ତୁତ ହୁଏ ବୋଲି ସ୍ତ୍ରୀ ରେବତୀ କୁମ୍ଭାର କହିଛନ୍ତି । ଆଦିବାସୀ ବର୍ଗର ହେଇନଥିବାରୁ ସରକାରଙ୍କ ଯୋଜନା ସାତ ସପନ । ନିଜର ଘର ପକ୍କା ଘର ଖଣ୍ଡିଏ ନଥିବାରୁ ସରକାରଙ୍କୁ ବହୁବାର ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିନି ବୋଲି ଅଭିଯୋଗ କରିଛନ୍ତି । ହଜିଯାଉଥିବା ବୃତ୍ତିଗତ ବେଉସା ଏହି କୁମ୍ଭକାର ପରିବାରକୁ ଯଦି ଜିଲ୍ଲା ହସ୍ତ ଶିଳ୍ପ କାର୍ଯ୍ୟାଳୟରୁ ସହାୟତା ମିଳନ୍ତା ତାହେଲେ ଏମାନଙ୍କ ଜୀବିକା ଓ ପାରିବାରିକ ଜିଇଁବାର ପଦ୍ଧତିରେ ଉନ୍ନତି ଆସନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

## ରାୟଗଡ଼ାରେ ପୁଣି ବେଧଡ଼କ ଭାବେ ଚାଲିଛି ଗୁଟ୍‌ଖା ବେପାର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଗୁଟ୍‌ଖା କାରବାରକୁ ନେଇ କିଛି ଦିନର ହୋ-ହଲ୍ଲା ପରେ ଏବେ ରାୟଗଡା ସହର ସମେତ ସମଗ୍ର ଜିଲ୍ଲାରେ ଗୁଟ୍‌ଖା ବେପାର ପୂର୍ବଭଳି ଆରମ୍ଭ ହୋଇଯାଇଛି। ଦୋକାନୀ ମାନେ ଆଉ ଲୁଚାଛପାରେ ନୁହେଁ, ପୂରା ଖୋଲାଖୋଲି ଭାବେ ଗୁଟ୍‌ଖା ବିକ୍ରି କରୁଛନ୍ତି। ରାଜ୍ୟ ସରକାର ନିକଟରେ ସମସ୍ତ ପ୍ରକାର ପାନ ମସଲା ବିକ୍ରି ଉପରେ କଟକଣା ଜାରି କରିଥିଲେ। ପରେ ଏଥିରୁ ନିକୋଟିନ୍ ରହିତ ପାନମସଲାକୁ ବାଦ୍ ଦେଇଥିଲେ। ତେବେ ଏହି ଦୁଇ ଦୁଇଟି ସରକାରୀ ନିର୍ଦ୍ଦେଶନାମା ପାଇବା ମଧ୍ୟରେ ବଜାରରୁ ହଠାତ୍ ଗୁଟ୍‌ଖା ଉଭାନ୍ ହୋଇଯାଇଥିଲା। ଲୁଚାଛପାରେ ବିକ୍ରି କରିବାକୁ ବି ଦୋକାନୀମାନେ ଡରୁଥିଲେ। ପୋଲିସ୍ ପ୍ରଶାସନ ମଧ୍ୟ ସକ୍ରିୟ ହୋଇ ବିଭିନ୍ନ ସ୍ଥାନରେ ଗୁଟ୍‌ଖା ଗୋଦାମ ଉପରେ ଚଢ଼ଉ କରି ବିପୁଳ



ପରିମାଣରେ ଜବତ କଲା। ହେଲେ ଏବେ ପୁଣିଥରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ଚଢ଼ଉ ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ଦୋକାନୀ ମାନେ ଖୋଲାଖୋଲି ଭାବେ ଗୁଟ୍‌ଖା ବିକ୍ରି କରୁଛନ୍ତି। ନିକୋଟିନ୍ ରହିତ ପ୍ୟାକେଟ୍‌କୁ ଆଗରେ ରଖୁଥିବାବେଳେ ଏହା ପଛରେ ନିକୋଟିନ୍‌ଯୁକ୍ତ ଗୁଟ୍‌ଖା ରଖି ବିକ୍ରି କରୁଛନ୍ତି। ତେବେ ସରକାରଙ୍କୁ ଚକ୍‌ମା ଦେବାପାଇଁ ଗୁଟ୍‌ଖା କମ୍ପାନୀମାନେ ନିକୋଟିନ୍ ରହିତ ଓ ନିକୋଟିନ୍ ଯୁକ୍ତ ପ୍ୟାକେଟ୍ ପ୍ରସ୍ତୁତ କରି ବଜାରକୁ ଛାଡ଼ିବାରେ ଲାଗିଛନ୍ତି। ଗୁଟ୍‌ଖା ଚୋବାଉଥିବା ଲୋକେ ଏହି ଦୁଇ କିସମର ପ୍ୟାକେଟ୍ କିଣିବା ସହିତ ତାହାକୁ ମିଶାଇ ଖାଉଛନ୍ତି। ସରକାରଙ୍କ ବିଜ୍ଞପ୍ତି ପରେ ହଠାତ୍ ଦୁଇ ତିନି ଗୁଣା ଦର ବୃଦ୍ଧି ଯୋଗୁଁ ଅନେକ ଏଥିରୁ ମୁହଁ ଫେରାଇ ନେଇଥିଲେ। ଏବେ କିନ୍ତୁ ଦର ହ୍ରାସ ଯୋଗୁଁ ପୁଣିଥରେ ପୂର୍ବଭଳି ଲୋକେ ଗୁଟ୍‌ଖା ଚୋବାଇବାରେ ବ୍ୟସ୍ତ। ରାୟଗଡାରେ ବିକ୍ରି ହେଉଥିବା ନିକୋଟିନ୍‌ଯୁକ୍ତ ପାନମସଲାର ସିଂହଭାଗ ବାହାର ରାଜ୍ୟରୁ ଆସୁଛି। ଦେଶର ପ୍ରାୟ ୧୭ଟି ରାଜ୍ୟରେ ଥିବା ଗୁଟ୍‌ଖା ପ୍ରସ୍ତୁତକାରୀମାନେ ପ୍ରତଦିନ ଟ୍ରକ୍ ଟ୍ରକ୍ ଗୁଟୁଖା ଓଡ଼ିଶାକୁ ପଠାଉଛନ୍ତି । ସରକାର ପାନମସଲା ଉପରେ କଟକଣା ଜାରି କରିବା ପରେ ବିଭିନ୍ନ ସ୍ତରରୁ ସରକାରଙ୍କ ପଦକ୍ଷେପ ପାଇଁ ପ୍ରଶଂସାର ସୁଅ ଛୁଟିଥିଲା । ସବୁ ବର୍ଗର ଲୋକେ ଏହାକୁ ସମର୍ଥନ ବି କରିଥିଲେ। ଲୋକଙ୍କ ସମର୍ଥନ ଦେଖି ସରକାରୀକଳ ବି ଚଢ଼ଉକୁ ଜୋର୍‌ଦାର୍ କରିଥିଲେ। ହେଲେ ସରକାରଙ୍କର ପରବର୍ତ୍ତୀ ନିର୍ଦ୍ଦେଶନାମାରେ କଟକଣାରୁ ନିକୋଟିନ୍ ରହିତ ପାନମସଲାକୁ ହଟାଇ ଦିଆଯିବା ପରେ ଏବେ ରାଜ୍ୟରେ ପୁଣିଥରେ ଗୁଟ୍‌ଖା ବ୍ୟବସାୟ ଜୋର୍‌ଦାର୍ ହୋଇଛି। କର୍କଟ ସୃଷ୍ଟିକାରୀ ଏହି ବିଷାକ୍ତ ପଦାର୍ଥକୁ ରୋକିବା ପାଇଁ ସବୁ ଦିଗରୁ ମତପ୍ରକାଶ ପାଉଥିବାବେଳେ ସରକାର ଏହାଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## କଟକ-ଚୌଦ୍ୱାରରେ ସ୍ଥିତି ସୁଦୃଢ଼ ପାଇଁ ବିଜେଡ଼ିର ଘନଘନ ବୈଠକ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀ ବିଜେଡ଼ିର ମୁଣ୍ଡବିନ୍ଧାର କାରଣ ସାଜିଛି। ସଂଗଠନ ସଜାଡ଼ିବାକୁ କଟକରେ ବିଜୁ ଜନତା ଦଳ ପକ୍ଷରୁ ଚାଲିଛି ଘନଘନ ବୈଠକ । ଦଳର ସଂଗଠନକୁ କିଭଳି ୱାର୍ଡ ସ୍ତରରେ ମଜଭୁତ କରାଯିବ ସେ ନେଇ ଅଣ୍ଟା ଭିଡ଼ିଛନ୍ତି ଦଳର ବରିଷ୍ଠ ନେତା । ଏନେଇ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ କଟକ ଦୋଳମୁଣ୍ଡାଇ ସ୍ଥିତ ଜିଲ୍ଲା ବିଜେଡ଼ି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଚର୍ଚ୍ଚାରେ ରହିଛି କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀ। ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ପରେ କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳଙ୍କୁ ଦଳରୁ ନିଲମ୍ବିତ କରିଛି ବିଜେଡ଼ି। ଏହା ପୂର୍ବରୁ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଦଳ ବହିଷ୍କୃତ କରିଥିଲା। ଆଉ ସେହିଦିନ ଠାରୁ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଦୁର୍ବଳ ହେବାରେ ଲାଗିଛି। ଯାହାକି ଦଳ ପାଇଁ ଚିନ୍ତାର ବିଷୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀରେ ବିଜେଡ଼ିକୁ ସଂଗଠିତ କରି ରଖିବା ପାଇଁ ଘନ ଘନ ସମୀକ୍ଷା ବୈଠକ ହେଉଛି। କଟକ ଦୋଳମୁଣ୍ଡାଇ ସ୍ଥିତ ଜିଲ୍ଲା ବିଜେଡ଼ି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ହୋଇଥିଲା। ଆଗାମୀ ସିଏମ୍‌ସି ନିର୍ବାଚନରେ ଦଳ କେମିତି ତୃଣମୂଳ ସ୍ତରରେ ଭଲ ପ୍ରଦର୍ଶନ କରିବେ ସେ ନେଇ କର୍ମୀମାନଙ୍କ ସହିତ ଆଲୋଚନା ହୋଇଛି । ସମୀକ୍ଷା ବୈଠକରେ ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ର ଯୋଗଦେଇ ଦଳ ପ୍ରତି ନିଷ୍ଠାର ସହ କାମ କରିବାକୁ ଉପସ୍ଥିତ କର୍ମୀ ଓ ନେତୃମଣ୍ଡଳୀଙ୍କୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ଦଳ ବିରୋଧୀ କାର୍ଯ୍ୟ କରି ଯେଉଁମାନେ ନିଲମ୍ବିତ ହେଉଛନ୍ତି କି ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ଦଳ ଛାଡ଼ି ଚାଲି ଯାଉଛନ୍ତି ସେମାନଙ୍କ ପାଇଁ ଦଳର କୌଣସି ଅସୁବିଧା ହେବନାହିଁ ବୋଲି ସନ୍ତୃପ୍ତ କହିଛନ୍ତି । ତେବେ ଆଗାମୀ ଦିନରେ ବିଜୁ ଜନତା ଦଳର କର୍ମୀମାନେ ସଂଗଠନ ସହିତ ରହିବେ ନାଁ ପ୍ରଭାତ ବିଶ୍ୱାଳଙ୍କ ସହ ରହିବେ ତାଉପରେ ସମସ୍ତଙ୍କର ନଜର ରହିଛି ।

## ନେଟୀ ଡିହିରେ ଅଜଣା ବୃଦ୍ଧାଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କୋଲାବିରା ଥାନା ଅଧିନସ୍ଥ ନେଟୀଡିହି ଗ୍ରାମରେ ରବିବାର ସନ୍ଧ୍ୟାରେ ଜଣେ ଅଜଣା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ, ବୃଦ୍ଧା ଜଣକ ଦୁଇରୁ ତିନି ଦିନ ଧରି ପତ୍ରାପାଲି, ନେଟୀଡିହି ଓ ରଘୁନାଥପାଲି ଅଞ୍ଚଳରେ ଘୁରି ବୁଲୁଥିବା ଦେଖାଯାଇଥିଲା। ରବିବାର ସନ୍ଧ୍ୟାରେ ନେଟୀଡିହି ଗ୍ରାମର ଏକ ଚାଷ ଜମିରେ ବୃଦ୍ଧାଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ତୁରନ୍ତ କୋଲାବିରା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସମ୍ପର୍କରେ କୋଲାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବୃଦ୍ଧାଙ୍କ ପରିଚୟ ସନ୍ଧାନ ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ବୃଦ୍ଧାଙ୍କ ବୟସ ପ୍ରାୟ ୬୦ ରୁ ୬୫ ବର୍ଷ ମଧ୍ୟରେ ହେବ ବୋଲି କୋଲାବିରା ଥାନାର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ତୀବ୍ର ଗ୍ରୀଷ୍ମ ତାପମାତ୍ରାର ପ୍ରଭାବରେ ଅଂଶୁଘାତ ଯୋଗୁଁ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତେବେ ବୃଦ୍ଧଙ୍କ ମୃତ୍ୟୁ ନେଇ ବିଭିନ୍ନ ମହଲରେ ନାନାକଥା କୁହାଯାଉଥିବା ଶୁଣିବାକୁ ମିଳୁଛି ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର:ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି ଖୋଲା ମେଲା ବିଦ୍ୟୁତ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ଖଡ଼ିପଦା-ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଯାତାୟାତ କରିବା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ଖଡ଼ିପଦା ସ୍କୁଲ ନିକଟ ପାଚେରୀକୁ ଲାଗି ରାସ୍ତା ଉପରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘ ଦିନ ହେବ ଅତି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫର୍ମରଟି ଖୋଲା ମେଲା ଭାବେ ପଡ଼ି ରହିଥିବାରୁ ଏହା ଯେକୌଣସି ସମୟରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟାଇବା ଆଶଙ୍କା ସୃଷ୍ଟି କରିଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି। ଏହା ସହିତ ବାଇକ୍, ଚାରିଚକିଆ ହାଲୁକା ଯାନ ଏବଂ ଭାରୀଯାନ ଯଥା ବସ୍ ମଧ୍ୟ ଏହି ସଂକୀର୍ଣ୍ଣ ରାସ୍ତା ଦେଇ ଯାଇଥାଏ। ରାସ୍ତା କଡ଼ରେ ଥିବା ଏହି ଅସୁରକ୍ଷିତ ଟ୍ରାନ୍ସଫର୍ମର ପରିସର ପାଚେରୀ ନଥିବାରୁ ଲୋକେ ଓ ଯାନବାହାନ ସଙ୍କୁଚିତ ରାସ୍ତାକୁ ପାସ୍ କରିନପାରି ଟ୍ରାନ୍ସଫର୍ମର ଆଡ଼କୁ ଚାକି ହୋଇଯାଆନ୍ତି। ଯାନବାହନ ଚଳାଚଳରେ ଅସୁବିଧା ସହ ଛୋଟବଡ଼ ଦୁର୍ଘଟଣା ମାନ ଘଟିବାରେ ଲାଗିଛି। ବିଶେଷ କରି ଛୋଟ ପିଲାମାନେ ଏହି ବାଟ ଦେଇ ଗଲାବେଳେ ସେମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଭାବେ ରହିଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ। ଦୀର୍ଘ ଦିନ ଧରି ଏପରି ଅବସ୍ଥା ଲାଗି ରହିଥିଲେ ହେଁ ମରାମତି କିମ୍ବା ସୁରକ୍ଷା ପାଚେରୀ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭାଗର ଏହି ଉଦାସୀନତା ପ୍ରତି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି, ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିଲେ ସେଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଏହି ଟ୍ରାନ୍ସଫର୍ମରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କିମ୍ବା ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଧାମନଗର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ କୁମାର୍ ନନ୍ଦୀ କୁହନ୍ତି ରାସ୍ତା ଉପରେ ଟ୍ରାନ୍ସଫର୍ମରଟି ଥିବାରୁ ପାଚେରୀ ହୋଇପାରୁନାହିଁ। ଏଷ୍ଟିମେଟ୍ ଯାଇଛି ଖୁବ୍ ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି କହିଥିଲେ।

## ବୈଶାଖ ମେଳାରେ ଆୟୁର୍ବେଦିକ ଓପିଡ଼ି ଓ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ନୃସିଂହନାଥ ପୀଠରେ ଅନୁଷ୍ଠିତ ହେଉଥିବା ବୈଶାଖ ମେଳା-୨୦୨୬ ଅବସରରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବରଗଡ଼ ଅତିରିକ୍ତ ଜିଲ୍ଲାପାଳ (ADM) ସରୋଜିନୀ ପ୍ରସନ୍ନ କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ଦିର ପରିସରରେ ଏକ 'ଆୟୁର୍ବେଦିକ ଓପିଡି' (Ayurvedic OPD) ଏବଂ ଔଷଧୀୟ ଚାରା ବିତରଣ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ଏହି ଐତିହାସିକ ପୀଠରେ ଆୟୋଜିତ ଏହି ପ୍ରଦର୍ଶନୀ ମାଧ୍ୟମରେ ଆୟୁର୍ବେଦିକ ଚିକିତ୍ସା ଓ ଔଷଧ ରୋଗୀଙ୍କୁ ବିନା ମୂଲ୍ୟରେ ଡାକ୍ତରଙ୍କ ଦ୍ୱାରା ପ୍ରଦାନ କରାଯିବ। ଏହା ଛଡା ଔଷଧୀୟ ଚାରା ବିତରଣ କେନ୍ଦ୍ରରେ ଶୁଳ୍କ ବିରଳ ଔଷଧୀୟ ଗୁଳ୍ମ ଓ ଚେରମୂଳିର ଚିହ୍ନଟ ତଥା ଏହାର ଉପକାରିତା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ପାରମ୍ପରିକ ଆୟୁର୍ବେଦିକ ଜ୍ଞାନର ସଂରକ୍ଷଣ ସହ ଶ୍ରଦ୍ଧାଳୁମାନେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଅଧିକାରୀ ଡ. ଲକ୍ଷ୍ମୀ ଶ୍ରୀୟା ବେହେରା, ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (SDIPRO) ସନତ ପାଢ଼ୀ ଏବଂ ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ABDO) ଦେବାଶିଷ୍ ସିହ୍ନା ଏବଂ ଅନ୍ୟାନ୍ୟ ଡାକ୍ତର ଉପସ୍ଥିତ ଥିଲେ। ମେଳା ସମୟରେ ପରିଦର୍ଶକଙ୍କୁ ସୂଚନା ପ୍ରଦାନ କରିବା ପାଇଁ ସେଠାରେ ବିଶେଷଜ୍ଞ ଏବଂ ଅଭିଜ୍ଞ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବୈଶାଖ ମେଳା ଏପ୍ରିଲ ୨୬ ରୁ ଆରମ୍ଭ ହୋଇ ମେ' ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ମାଗଣାରେ ଏହି ଆୟୁର୍ବେଦିକ ସେବା ତଥା ପ୍ରଦର୍ଶନୀର ଲାଭ ଉଠାଇବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

### ///// ସଂସଦରେ ମହିଳା ବିଲ୍ କାଟ୍ ଖାଇବା ପ୍ରସଙ୍ଗ /////

## କେନ୍ଦୁଝରରେ ବିଜେପିର ଜନ ଆକ୍ରୋଶ ମହିଳା ପଦଯାତ୍ରା

**କେନ୍ଦୁଝର, ନ୍ୟୁଜ୍**

ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ସୋମବାର କେନ୍ଦୁଝରରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଏହି "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ କହିଛନ୍ତି ମହିଳା ମାନଙ୍କ ପାଇଁ ଏହି ଲଢ଼େଇ ଜାରି ରହିବ। ଜିଲ୍ଲାର ହଜାର ହଜାର ମହିଳା ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦୁଝର ସହରର କାଳୀ ପଡିଆ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ରାହୁଲ ଗାନ୍ଧୀ, ମମତା ବାନାର୍ଜୀ ଏବଂ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ "ନାରୀଶକ୍ତି ବନ୍ଦନ ଅଧିନିୟମ" ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭା ଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୁତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ଏହାକୁ ସଂସଦରେ ପାରିତ କରେଇଦେଇନଥିଲା। ବିଜେଡ଼ି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି



ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି । ଚାରିଆଡ଼େ ଏବେ ପ୍ରତିବାଦ ଓ ଆନ୍ଦୋଳନ କରାଯାଉଛି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱ ଠାରେ ବିଶାଳ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିଲା। ସେହିପରି ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ "ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା" ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝରରେ ଅନୁରୂପ କାର୍ଯ୍ୟକ୍ରମ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ମହିଳାମାନେ ଏଥିରେ ସାମିଲ୍ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ଼ା ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱୀନି ବଳ, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତ, ଜିଲ୍ଲା ଟୋଲିର ସଦସ୍ୟା ଗୀତାଞ୍ଜଳି ମହାନ୍ତ, ନଳିନୀ ମହାନ୍ତ ଉପସ୍ଥିତିରେ ତଥା ଅନ୍ୟ ମହିଳା ନେତୃତ୍ୱମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଡ୍ରେନ୍ ନିର୍ମାଣରେ ବିଳମ୍ବ:ଗ୍ରାମବାସୀ ହଟହଟା:ଟେଣ୍ଡର ହେବାର ଦୁଇବର୍ଷ ପରେ ମଧ୍ୟ ହେଉନି ଡ୍ରେନ୍ କାମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୨ ନମ୍ବର ୱାର୍ଡରେ ଅନେକ ସମସ୍ୟା ଲାଗିରହିଛି। ଏହି ସମସ୍ୟାମାନଙ୍କ ଭିତରୁ ମୁଖ୍ୟ ସମସ୍ୟା ହେଲା ଡ୍ରେନ୍ ନିର୍ମାଣ। ବିଗତ ଦୁଇବର୍ଷ ହେଲା ପୌରସଂସ୍ଥା ତରଫରୁ ୧୨ ନମ୍ବର ୱାର୍ଡରେ ସୁରଜ କ୍ଲବ ପକ୍ଷରୁ ଡ୍ରେନ୍ ନିର୍ମାଣ କରିବା ପାଇଁ ଟେଣ୍ଡର ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହୋଇପାରୁନାହିଁ। ଯାହାଫଳରେ ସାମାନ୍ୟ ବର୍ଷା ହେଲେ ଗ୍ରାମବାସୀଙ୍କ ଘର ଭିତରେ ବର୍ଷା ଜଳ ପଶୁଛି। ଦୁଇ ତିନି ମାସ ବରିଷ୍ଠ ନାଗରିକ, ମହିଳା ଘରୁ ବାହାରି ପାରୁନାହାଁନ୍ତି। ସ୍କୁଲ୍ ଛାତ୍ରଛାତ୍ରୀ ସ୍କୁଲ୍‌କୁ ଯାଇପାରୁନାହାଁନ୍ତି। ଏ ବିଷୟରେ ବାରମ୍ବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରଅଧକ୍ଷାଙ୍କୁ ଜଣାଉଥିଲେ ମଧ୍ୟ ଏମାନେ ନିରୁପାୟ ହୋଇ କୌଣସି ପଦକ୍ଷେପ ନେଇପାରୁନାହାଁନ୍ତି। ଠିକାଦାର ଜଣକ କାମ ନେଇ ସ୍ଥାନୀୟ କାଉନ୍‌ସିଲରଙ୍କୁ ସବ୍‌ଲେଟ୍‌ରେ କାମ ଦେଇଥିବାରୁ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କାଉନ୍‌ସିଲର ଏପର୍ଯ୍ୟନ୍ତ କାମ ଆରମ୍ଭ କରୁନାହାଁନ୍ତି। ସୋମବାର ଦୁଇଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସମାଜସେବୀ ଆବୁ ହୋସେନ୍‌ଙ୍କ ସହିତ ଲାଲ୍ ବାବୁଖାନ୍, ସେକ୍ ମୌସିମ୍, ସେକ୍ ଆକବର, ସରାଫତ୍ ଅଲ୍ଲୀ, ସେକ୍ ବାବୁ ଜିଲ୍ଲାପାଳଙ୍କୁ ଭେଟି ସପ୍ତାହକ ମଧ୍ୟରେ ଡ୍ରେନ୍ କାମ ଆରମ୍ଭ ନହେଲେ ଜିଲ୍ଲାକାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ଭାରତୀୟ ଖାଦ୍ୟ ସୁରକ୍ଷାର ଜାଗ୍ରତ ପ୍ରହରୀ ହେଉଛନ୍ତି ପ୍ରାଣୀ ଚିକିତ୍ସକ:ବିଶେଷଜ୍ଞ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ତୀବ୍ର ରୂପ ଧାରଣ କରିଥିବା ବେଳେ ଦେଶର ଖାଦ୍ୟ ସୁରକ୍ଷାର ଦାୟିତ୍ୱ ପ୍ରାଣୀ ଚିକିତ୍ସକଙ୍କ ହାତରେ ରହିଛି ବୋଲି ଜଣେ ବିଶିଷ୍ଟ ବୈଜ୍ଞାନିକ ମତ ରଖିଛନ୍ତି। ପ୍ରାଣୀ ଚିକିତ୍ସକମାନେ ଜାତୀୟ ଖାଦ୍ୟ ସୁରକ୍ଷାର ଅଦୃଶ୍ୟ ରକ୍ଷକ ହୋଇଥିବା ବେଳେ ଜଳବାୟୁ ପରିବର୍ତ୍ତନ ସମସ୍ୟା ମଧ୍ୟରେ ଖାଦ୍ୟ ଏବଂ ପୋଷଣ ବିଷୟରେ ଏମାନଙ୍କ ବିନା ଚିନ୍ତା କରାଯାଇ ନପାରେ ବୋଲି ଶନିବାର ଆଇସିଏଆର-ସେଣ୍ଟ୍ରାଲ୍ ଇନ୍‌ଷ୍ଟିଟ୍ୟୁଟ୍ ଫର୍ ଫ୍ରେସ୍‌ୱାଟର ଆକ୍ୱାକଲଚର୍ (ସିଫା)ର ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ କହିଛନ୍ତି। ଡକ୍ଟର ସାହୁ କହିଛନ୍ତି ଯେ ପ୍ରାଣୀ ଚିକିତ୍ସକମାନେ ଅନେକ ସଫଳତା ହାସଲ କରିଛନ୍ତି। ଗୋରୁ ବସନ୍ତ ଭଳି ପଶୁ ମହାମାରୀ ଯାହାକି ଗାଈ ଗୋରୁଙ୍କୁ ଅଧିକ ମାତ୍ରାରେ ସଂକ୍ରମିତ କରୁଥିଲା ତାହା ଭାରତରୁ ସମୂଳେ ଦୂର କରାଯାଇଛି। ଇନ୍-ଭିଟ୍ରୋ ଫର୍ଟିଲାଇଜେସନ୍‌ରେ ସଫଳତା ମଧ୍ୟ ଏକ ବିଶେଷ ସଫଳତା ବୋଲି ସେ କହିଥିଲେ। ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ୍ ହଜବାଣ୍ଡ୍ରି (ଆଇଭିଏସ୍ଏଏଚ୍), ଓଡ଼ିଶା ଲାଇଭଷ୍ଟକ ଡେଭଲପ୍‌ମେଣ୍ଟ ସୋସାଇଟି ଏବଂ ଓଡ଼ିଶା ଭେଟେରିନାରି କାଉନ୍‌ସିଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡକ୍ଟର ସାହୁ ଏହା କହିଥିଲେ। ଡକ୍ଟର ସାହୁ ପ୍ରାଣୀ ଚିକିତ୍ସକମାନଙ୍କର ସଫଳତାକୁ ପ୍ରଶଂସା କରି କହିଥିଲେ ଯେ ଭାରତ ବର୍ତ୍ତମାନ ଦୁଗ୍ଧ ଉତ୍ପାଦନରେ ୧ ନମ୍ବର ଏବଂ ଅଣ୍ଡା ଉତ୍ପାଦନରେ ୨ ନମ୍ବର ସ୍ଥାନରେ ରହିଛି। ସେହିପରି ଦେଶ ଟୀକା ପ୍ରସ୍ତୁତିରେ ମଧ୍ୟ ଆତ୍ମ ନିର୍ଭରଶୀଳ ହୋଇପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପ୍ରାଣୀ ଚିକିତ୍ସକ ମାନଙ୍କର ଅବଦାନ ଅତୁଳନୀୟ କାରଣ ତାଙ୍କ ରୋଗୀମାନେ କଥା କହିପାରନ୍ତିନାହିଁ। ପୁରାତନ ସମୟରୁ ମଣିଷ ଏବଂ ପ୍ରାଣୀମାନଙ୍କର ସମ୍ପର୍କ ବେଶ୍ ସୁଦୃଢ଼ ବୋଲି କହିବା ସହ ନିକଟରେ ଗୋଟିଏ କୁକୁର କିଭଳି ସ୍କୁଲ ପରିସର ମଧ୍ୟରେ ଥିବା ୩୦ ଜଣ ଛାତ୍ରଛାତ୍ରୀଙ୍କ ଜୀବନ ରକ୍ଷା କରିବାକୁ ଯାଇ କ୍ଲାସ୍ ରୁମ୍ ମଧ୍ୟକୁ ପଶିବାକୁ ଚେଷ୍ଟା କରୁଥିବା ଗୋଟିଏ ଗୋଖର ସାପ ସହ ଲଢ଼େଇ କରି ପ୍ରାଣଦାନ କରିଥିବାର ଉଦାହରଣ ଦେଇଥିଲେ। ଆଇଭିଏସ୍ଏଏଚ୍‌ର ଡିନ୍ ତଥା ଓଡ଼ିଶା ଲାଇଭଷ୍ଟକ୍ ଡେଭଲପମେଣ୍ଟ ସୋସାଇଟି (ଓଏଲ୍‌ଡିଏସ୍)ର ସଭାପତି ପ୍ରଫେସର ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଆଇଭିଏସ୍ଏଏଚ୍‌ରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ଥିବା ଏକ ହସ୍ପିଟାଲ୍ ଦିନ ରାତି କାର୍ଯ୍ୟ କରୁଛେ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବିଶିଷ୍ଟ କ୍ରୀଡାବିତ୍ ଡକ୍ଟର ବିବେକାନନ୍ଦ ତ୍ରିପାଠୀ ଓ ଓଡ଼ିଶାର ପ୍ରଥମ ମହିଳା ପ୍ରାଣୀ ଚିକିତ୍ସକ ପ୍ରଫେସର ପ୍ରଗତୀ ପଣ୍ଡା ମଧ୍ୟ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଭେଟେରେନାରୀ କ୍ଲିନିକ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଓ ଓଏଲ୍‌ଡିଏସ୍‌ର ଅଧକ୍ଷ ଡକ୍ଟର ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରକୋଣ୍ଡା ଘାଟିରେ ଜଳୁଛି ଜଙ୍ଗଲ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଘାଟିରେ ଜଳୁଛି ଜଙ୍ଗଲ। ଘାଟିରେ ଥିବା ଭଲଭ ହାଉସ୍ ଛକ ଠାରୁ କିଛି ଦୂରରେ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ବନ ବିଭାଗ କର୍ମଚାରୀଙ୍କ ଲଗାତାର ସର୍ଚ୍ଚ ଅପରେସନ୍ ଚାଲିଥିଲେ ମଧ୍ୟ ସେମାନଙ୍କ ଆଖିରେ ଧୂଳି ଦେଇ ଲୋକେ ଜଙ୍ଗଲରେ ନିଆଁ ଲଗାଇବାରେ ସଫଳ ହେଉଛନ୍ତି। ପବନ ବୋହୁଥିବାରୁ ନିଆଁ ଚାରିପଟେ ବ୍ୟାପିବାରେ ଲାଗିଛି। ତୁରନ୍ତ ନିଆଁକୁ ଆୟତ ନକଲେ ସମଗ୍ର ଜଙ୍ଗଲ ଜଳିଯିବ ବୋଲି କୁହାଯାଉଛି। ବନ ବିଭାଗର ସଚେତନତା ସତ୍ତ୍ୱେ ଲୋକେ କୌଣସି ନିୟମ ମାନୁନାହାନ୍ତି। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଚେତାବନୀ ଦେଉଥିଲେ ମଧ୍ୟ ଲୋକେ ଏହାକୁ ଖାତିର କରୁନାହାନ୍ତି ।

## ବୌଦ୍ଧରେ ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ବ୍ଲକର ତାଲସରଡା ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ, ସରପଞ୍ଚ ସସ୍ମିତା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ୩୮ଗୋଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠିଗତ ଏଭଳି ମୋଟ୍ ୪୬ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ୧୮ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦୁଇ ଜଣ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠିରୁ ୮ ହଜାର ଟଙ୍କାର ତତ୍କାଳ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ଏବଂ ଧନଜନ ସୁରକ୍ଷା ପାଇଁ ସମସ୍ତ ବିଭାଗ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ପଞ୍ଚାୟତ ସମ୍ମୁଖରେ ଥିବା ଜଳଛତ୍ର ବୁଲି ଦେଖିଥିଲେ ଓ ସବୁ ଜଳଛତ୍ରରେ ଓ ଆର୍‌ଏସ୍ ପାଉଡର୍ମହଜୁଦ୍ ରଖିବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା କୁମାରୀ ସାହୁ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରସଙ୍ଗତଃ
32 YEARS
ସମ୍ବାଦ କଳିକା

# ହର୍ମୁଜରୁ ମୁମ୍ବାଇ ଯାଏ ଗୁପ୍ତ ରାସ୍ତା

ମିଡିଲ ଇଷ୍ଟ ଯୁଦ୍ଧ ପୁରା ଦୁନିଆକୁ ଅସ୍ତବ୍ୟସ୍ତ କରିଦେଇଛି । ଏହି ଯୁଦ୍ଧ ଭିତରେ ଗୋଟିଏ ପଟେ ଇରାନର ସବୁଠାରୁ ବ୍ୟସ୍ତ ସମୁଦ୍ର ରାସ୍ତାରୁ ଗୋଟିଏ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଉପରେ କଟକଣା ଲଗାଇ ଦିଆଯାଇଛି । ସେଭଳି ଅନ୍ୟପକ୍ଷେ ଆମେରିକା ଏହାକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରି ରଖିଛି । ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି ଯେ, କଟକଣା ଭିତରେ ବହୁ ଜାହାଜ ସେଠାରୁ ବାହାରି ମୁମ୍ବାଇ କିପରି ପହଁଞ୍ଚିଛି ? ଆମେରିକା ନୌସେନା ଓମାନ ଉପକୂଳରେ ମୁତୟନ ରହିଛି । ଇରାନରୁ ଯିବା-ଆସିବା କରୁଥିବା ଜାହାଜକୁ ରୋକି ହେବ, କିନ୍ତୁ ଆମେରିକାର ଦାବି ପରେ ବି ଏହି କଟକଣା ସମ୍ପୂର୍ଣ୍ଣ ଭାବରେ ସଫଳ ହୋଇପାରୁନି । କାରଣ ବହୁ ଟ୍ୟାଙ୍କର ଏହି ଘେରାବନ୍ଦୀକୁ ଭାଙ୍ଗି ସେଠାରୁ ବାହାରିବାରେ ସଫଳ ରହିଛି । ଦାବୀ କରାଯାଉଛି ଯେ, ଏଭଳି ରାସ୍ତା ମଧ୍ୟ ରହିଛି, ଯେଉଁଠୁ ଜାହାଜ ଇରାନର ଖାର୍ଗ ଦ୍ୱୀପରୁ ସିଧା ମୁମ୍ବାଇ ପର୍ଯ୍ୟନ୍ତ ପହଁଞ୍ଚାଇ ପାରିବ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲଙ୍କ କହିବା ଅନୁସାରେ, ଏବେ ବି ପ୍ରାୟ ୧୪ ଭାରତୀୟ ଜାହାଜ ହର୍ମୁଜରେ ଫଶି ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍‌ହୋ ଟ୍ରମ୍ପ ଯଦିଓ ହର୍ମୁଜରେ କଟକଣା ଲଗାଇବାକୁ ବଡ଼ ସଫଳତା ବୋଲି କହୁଛନ୍ତି, କିନ୍ତୁ ବାସ୍ତବିକତା କିଛି ଅଲଗା ରହିଛି । ଅନ୍ତର୍ଜାତୀୟ ମିଡିଆ ରିପୋର୍ଟ ଓ ବିଶେଷଜ୍ଞଙ୍କ କହିବା ଅନୁସାରେ, ୧୩ ଅପ୍ରେଲରେ କଟକଣା ଆରମ୍ଭ ହେବାଠାରୁ ଏପର୍ଯ୍ୟନ୍ତ ଇରାନରୁ ଅତି କମରେ ୩୪ ଟ୍ୟାଙ୍କର ଏହି ଘେରାବନ୍ଦୀକୁ ଚକମା ଦେଇ ବାହାରି ସାରିଛି । ଏହାର ସବୁଠାରୁ ତାଜା ଉଦାହରଣ ଭାରତୀୟ ଜାହାଜ 'ଦେଶ ଗାରିମା' । ଏହି ଟ୍ୟାଙ୍କର କତରର ରାସ୍ ଲଫାନ୍ରୁ ୯୭,୦୦୦ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ନେଇ ଭାରତ ଆସିଥିଲା । ତେବେ ଏହି ରାସ୍ତାରେ ତାକୁ ଇରାନ ପଟୁ ଗୁଳିମାଡର ସାମନା କରିବାକୁ ପଡିଥିଲା, କିନ୍ତୁ ତାହା ଗତ ବୁଧବାର ସୁରକ୍ଷିତ ଭାବରେ ମୁମ୍ବାଇ ବନ୍ଦରରେ ପହଁଞ୍ଚିଥିଲା । ଆର୍ଥିକ ରଣନୀତିଜ୍ଞ ଜିମ୍ ବିୟାନକୋ ଓ ପୋଡକାଷ୍ଟ ହୋଷ୍ଟ ମାରିୟା ନଭଲ ଦାବି କରିଛନ୍ତି ଯେ, ଭାରତୀୟ ଜାହାଜ ଏଭଳି ଏକ ରାସ୍ତାରେ ଆସୁଛି ଯାହା ଆମେରିକାର ରାଡାରକୁ ଚକମା ଦେଇ ବାହାରି ପାରୁଛି । ଏହି ରାସ୍ତା ଇରାନର କ୍ଷେତ୍ରୀୟ ଜଳ ସହିତ ରହିଛି । ଜାହାଜ ଇରାନର ତଟର ଖୁବ୍ ନିକଟ ଦେଇ ଆଗକୁ ବଢିଥାଏ ଓ ପୁଣି ସିଧା ପାକିସ୍ତାନର ସମୁଦ୍ର କ୍ଷେତରେ ଏଣ୍ଟ୍ରି କରିଥାଏ । କାରଣ ଆମେରିକା ଅନ୍ୟ କୌଣସି ଦେଶର ଜଳ କ୍ଷେତ୍ରରେ ହସ୍ତକ୍ଷେପ କରିପାରିବନି, ତେଣୁ ଏହି ଜାହାଜ ଅନ୍ତର୍ଜାତୀୟ ଜଳକ୍ଷେତ୍ର ନଦେଇ ସୁରକ୍ଷିତ ବାହାରି ଯାଇଥାଏ । ଇରାନର ଖାର୍ଗ ଦ୍ୱୀପ (ଯେଉଁଠାରୁ ୯୦% ତୈଳ ଆମଦାନୀ ହୁଏ) ଭାରତ ଆସିବା ପାଇଁ ମୁଖ୍ୟ ଭାବରେ ଦୁଇଟି ରାସ୍ତା ହୋଇପାରେ । ପ୍ରଥମ ପାକିସ୍ତାନ ଉପକୂଳର ରାସ୍ତା, ଯାହାକି ମକରାନ ଉପକୂଳ ସହିତ ଚାଲିଥାଏ । ଏଥିରେ ଜାହାଜ ଇରାନ ସମୁଦ୍ର ସୀମାରୁ ସିଧା ସଳଖ ପାକିସ୍ତାନର ସମୁଦ୍ର ସୀମାରେ ପ୍ରବେଶ କରିଥାଏ । ଏହାଦ୍ୱାରା ତାକୁ ଅନ୍ତର୍ଜାତୀୟ ଜଳକ୍ଷେତ୍ରକୁ ଯିବାର କୌଣସି ଆବଶ୍ୟକତା ପଡିନଥାଏ, ଯେଉଁଠି ଆମେରିକା ନୌସେନାର ପ୍ରହରା ରହିଛି । ଦ୍ୱିତୀୟଟି ହେଉଛି ଚାବାହାର ବନ୍ଦର, ଯେଉଁଠାରୁ ଜାହାଜଗୁଡ଼ିକ ଦକ୍ଷିଣ ଦିଗକୁ ମୋଡ଼ ନେଇ ଆନ୍ତର୍ଜାତୀୟ ଜଳସୀମାରେ ପ୍ରବେଶ କରିପାରିବେ । ସେଠାରୁ, ମୁମ୍ବାଇ, ଗୁଜରାଟ କିମ୍ବା କେରଳର ବନ୍ଦରଗୁଡ଼ିକୁ ସିଧାସଳଖ ରାସ୍ତା ରହିଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ



### ଭ୍ରାନ୍ତି

ମନର ଧୂମ୍ରତାରେ
ଦିଶୁନାହିଁ ଧ୍ରୁବତାରା
ଅସ୍ପଷ୍ଟ ଅରୁନ୍ଧତୀର
ମିଞ୍ଜି ମିଞ୍ଜି ଆଲୋକରେ
ନିର୍ବାପିତ
ଭାବ ପ୍ରେମର ବସୁନ୍ଧରା ।
ଭୋଗ ବିଳାସରେ
ବିଲୁପ୍ତ ହେବାକୁ
ବସିଲାଣି ।
ମନର ଅମାବାସ୍ୟା
ପୂର୍ଣ୍ଣମୀର ଚାନ୍ଦକୁ
ଦେଖିବ କିପରି ?
ସପ୍ତର୍ଷି ମଣ୍ଡଳକୁ ଭୁଲି
ମନ ଖୋଜୁଛି ସପ୍ତ-ରଙ୍ଗର
ଇନ୍ଦ୍ରଧନୁ ।
ଭାବରେ ଭୋଗ ଥୋଇ
ଲୋକ ଦେଖାଣିଆ
ଭକତ, ଭଗବାନ ଭଜୁଛି ।
ଭକ୍ତି ପ୍ରେମର ଜୁଆରକୁ
ଧନ ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟ
ଭିତରେ ହତ୍ୟା କରି ଚାଲିଛି ।
ମନକୁ ସଇତାନ ସଜାଇ
ବାହାରେ ମାଳି ଗଡାଇଲେ
ଆତ୍ମାର କ'ଣ ପରିଚୟ
ପାଇପାରିବ ।

◆◆

# ବୁଦ୍ଧଙ୍କ ଦୃଷ୍ଟିର ଦିଗ୍‌ବଳୟ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଗୌତମ ଜଣେ ରାଜକୁମାର ଥିଲେ। ଉଆସରେ ରହୁଥିଲେ । ତାଙ୍କ ସହିତ ବାପା, ମା'ଙ୍କ ଶୁଭ ଆଶିଷ ଓ ସ୍ତ୍ରୀ, ପୁଅଙ୍କ ସ୍ନେହ ଆଶ୍ଳେଷ ଅବଶ୍ୟ ଥିଲା । ଉଆସ ବାହାରେ ବ୍ୟାଧି, ବାର୍ଦ୍ଧକ୍ୟର ବ୍ୟଥା ଦେଖି ସେ ବ୍ୟଥିତ ହେଲେ । ଉଆସ ତ୍ୟାଗ କଲେ । ନଦୀକୂଳକୁ, ଗଛମୂଳକୁ ଆସିଲେ । କୁଶ ଆସନରେ ବସିଲେ । ଧ୍ୟାନସ୍ଥ ହୋଇ ଜ୍ଞାନାଲୋକ ଦର୍ଶନ କଲେ । ବୁଦ୍ଧତ୍ୱ ପ୍ରାପ୍ତ ହେଲେ ।ଏବେ 'ବୁଦ୍ଧ' କହିଲେ ଗୋଟେ ବ୍ୟକ୍ତିର ଅବସ୍ଥିତି ନୁହଁ, ଗୋଟେ ବୈଶ୍ୱିକ ବିଭୂତି । ନିରଞ୍ଜନା ନଦୀ ଜଳଧାରର ପ୍ରବାହ ତାଙ୍କୁ ଜୀବନର ପ୍ରବହମାନତାର କଥା ଶିଖାଇଥିଲା । ଅଶ୍ୱତ୍ଥ ଗଛ ଶାଖାପ୍ରଶାଖାର ସବୁଜିମା ତାଙ୍କୁ ଜଗତର ଗହନ ସ୍ୱରର ସଙ୍ଗୀତ ଶୁଣାଇଥିଲା। କୁଶ ଆସନର ପ୍ରାକୃତିକ କୋମଳତା ତାଙ୍କ ଅନ୍ତରରେ ଜ୍ଞାନର ମୃଦୁଳ ଝଂକାର ତୋଳିଥିଲା। ଗୋଟେ ନଦୀ, ଗୋଟେ ଗଛ, କିଛି କୁଶ – ଏପରି ଏକ ପରିବେଶରେ ଗଢ଼ା ହୋଇଥିଲେ ବୁଦ୍ଧ । ସେଥିସହିତ ବହିଃପ୍ରକୃତିର ପବନ ଥିଲା ତାଙ୍କର ପ୍ରାଣ-ପ୍ରାଚୁର୍ଯ୍ୟ, ଆଲୋକ ଥିଲା ତାଙ୍କ ଅନ୍ତରଙ୍ଗ ଅମୃତ, ଉତ୍ତାପ ଥିଲା ତାଙ୍କ ବହିରଙ୍ଗ ଉଚ୍ଛ୍ୱାସ । ସେ ଯାହା କହୁଥିଲେ ସେଥିରେ ପ୍ରାଣଭେଦୀ ଆବେଗ ଥିଲା, ଅମୃତର ଅନୁଭବ ଥିଲା, ବହିରଙ୍ଗ ଅନୁଭୂତିର ସ୍ପର୍ଶ ଥିଲା । ନିଜେ ଗୃହ ତ୍ୟାଗ କରିଥିଲେ ମଧ୍ୟ ଗୃହତ୍ୟାଗୀ ହବାକୁ କାହାକୁ କହିନଥିଲେ ସେ । ମଣିଷ ତା' ଗୃହ ମଧ୍ୟରେ ରହି ସତ୍ୟାନୁସରଣ କରୁ, ଏପରି ମହତ ମାର୍ଗଟିଏ ସେ ସମସ୍ତଙ୍କୁ ଦେଖାଇଥିଲେ । କ୍ଷୁଦ୍ର କୁଟୁମ୍ବ ଭିତରେ ରହି ମଧ୍ୟ ମଣିଷ ବସୁଧାକୁ ଗୋଟେ କୁଟୁମ୍ବ ବୋଲି ବିଚାର ବିବେଚନା କରିପାରିବ, ଏଇ କଥାଟିକୁ ସେ ଦୋହରାଇ କହୁଥିଲେ । ମଣିଷର ଚୈତନ୍ୟ ଏଭଳି ଏକ ଚିତ୍ରଶାଳା ହେଉ ଯେଉଁଠି ସମଗ୍ର ଜୀବଜଗତର ଚିତ୍ର ଅଙ୍କା ହୋଇଥିବ, ଏଭଳି ଏକ ବାର୍ତ୍ତା ବୁଦ୍ଧ ଦେଇଯାଇଥିଲେ । ଏ ଥିଲା ସତ୍ୟ, ସହାବସ୍ଥାନ, ସୁଦୟାର ବାର୍ତ୍ତା । ଯେତେବେଳେ ମଣିଷ ସହିତ ମଣିଷର କଳିଗୋଳ ଉପୁଜେ, ଦେଶ ସହିତ ଦେଶର ଯୁଦ୍ଧରେ ଧନ-ଜନ କ୍ଷୟ ହୁଏ, ସମସ୍ତେ ମନେପକାନ୍ତି ବୁଦ୍ଧଙ୍କୁ । ବୁଦ୍ଧ କହିଥିଲେ, 'ବିବେକୀ ହୁଅ, ବିଚାରଶୀଳ ହୁଅ, ପରସ୍ପର ମନ ମିଳେଇ ଚଳ । ସଂଘର୍ଷ ଓ ସମରରେ ଲିପ୍ତ ହୁଅ ନାହିଁ ।' ବୁଦ୍ଧଙ୍କ ଜୀବଦ୍ଦଶାରେ ତାଙ୍କର ଦୁଇ ପ୍ରିୟ ଶିଷ୍ୟ ଆନନ୍ଦ ଓ ମୋଗଲାୟନଙ୍କ ମଧ୍ୟରେ କଳି ଲାଗିଲା । ଦିନେ ସେମାନେ ଶୁଣିଲେ ବୁଦ୍ଧ ଅସୁସ୍ଥ ଅଛନ୍ତି। ଆନନ୍ଦ ତାଙ୍କୁ ଭେଟିବାକୁ ଗଲେ, ଦେଖିଲେ ବୁଦ୍ଧ ବିଛଣାରେ ପଡ଼ି ରହିଛନ୍ତି, ତାଙ୍କ ଶରୀରର କେତେକ ସ୍ଥାନରେ



ଲୋମକୂପରୁ ରକ୍ତ ନିର୍ଗତ ହେଉଛି । ଆନନ୍ଦ ତାଙ୍କୁ ଉଠାଇବାକୁ ଚେଷ୍ଟା କରି ମଧ୍ୟ ପାରିଲେ ନାହିଁ । ଏହି ସମୟରେ ମୋଗଲାୟନ ପହଞ୍ଚିଲେ, ସେ ମଧ୍ୟ ବୁଦ୍ଧଙ୍କୁ ଉଠାଇବାକୁ ଚେଷ୍ଟା କରି ବିଫଳ ହେଲେ । କିଛି ସମୟ ପରେ ଆନନ୍ଦ ଓ ମୋଗଲାୟନ ଉଭୟ ଉଠାଇବାରୁ ବୁଦ୍ଧ ବିଛଣାରେ ଉଠିବସିଲେ ଓ କହିଲେ, 'ଦେଖ, ତୁମେ ଦୁହେଁ ମିଶିବାରୁ ମତେ ଉଠାଇପାରିଲ । ଦୁହେଁ ମନ ମିଳେଇ ଚଳିଲେ ବହୁ ଅସାଧ୍ୟ ସାଧନ କରିପାରିବ । ମୁଁ ଶୁଣୁଛି ତୁମେ ପରସ୍ପର କଳି କରୁଛ । ମୋ ଦେହରୁ ଯେଉଁ ରକ୍ତ ନିର୍ଗତ ହେଉଛି, ତାହା ମୋର ବାହ୍ୟ କ୍ଷତ ନୁହଁ । ତୁମେ ଦୁହେଁ କଳି ଲାଗୁଥିବାରୁ ମୋ ଅନ୍ତରରେ ଯେଉଁ କ୍ଷତ ସୃଷ୍ଟି ହୋଇଛି, ତାହା ରକ୍ତ ଆକାରରେ ବହିର୍ଗତ ହେଉଛି । ତୁମେ ମନ ମିଳେଇ ଚଳିଲେ ମୋ ଅନ୍ତରରେ କ୍ଷତ ରହିବ ନାହିଁ କି ଲୋମକୂପରେ ରକ୍ତ ଦୃଶ୍ୟ ହେବ ନାହିଁ ।' ଆନନ୍ଦ ଓ ମୋଗଲାୟନ ନିଜର ଭୁଲ ପାଇଁ ଅନୁତପ୍ତ ହେଲେ ଓ ଆଜୀବନ ପରସ୍ପର ମିତ୍ର ହୋଇ ରହିବାର ଶପଥ କଲେ । ଏ ଥିଲା ବୁଦ୍ଧଙ୍କ ଅଲୌକିକ ଶକ୍ତିର ଏକ ଦୃଷ୍ଟାନ୍ତମୂଳକ ସୁମହତ ଶିକ୍ଷା । ଏବେ ଅନେକ ସ୍ଥଳରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଶତ୍ରୁତା, ରାଷ୍ଟ୍ରନାୟକମାନଙ୍କ ମଧ୍ୟରେ ଶତ୍ରୁତା । ଶତ୍ରୁତାରୁ ସୃଷ୍ଟି ହେଉଛି ଧୂସର ମାଟି ଉପରେ ଶୋଣିତର ଲୋହିତ ସ୍ରୋତ । ଲୋମଟାଙ୍କୁରା ଦୃଶ୍ୟ ଇଏ । ସମାଜରେ କିଛି ମଣିଷ ସହଜାତ ପ୍ରତିଭାର ଅଧିକାରୀ ହୋଇଥାଆନ୍ତି । ଜଣେ ଜଣେ ଚିତ୍ତାକର୍ଷକ ଚିତ୍ର ଆଙ୍କିପାରନ୍ତି, ମଧୁସ୍ରାବୀ ଗୀତ ଗାଇପାରନ୍ତି, ମନୋହାରୀ ବାଦ୍ୟ ବଜାଇପାରନ୍ତି, ନୟନତୃପ୍ତିକର ନୃତ୍ୟ କରିପାରନ୍ତି, ଅସାଧାରଣ ଅଭିନୟ କରିପାରନ୍ତି, କାଳୋତ୍ତୀର୍ଣ୍ଣ ସାହିତ୍ୟ ସର୍ଜନା କରିପାରନ୍ତି, ଅନନ୍ୟ ବୈଜ୍ଞାନିକ ଗବେଷଣା କରିପାରନ୍ତି, ସମ୍ମୋହକ ବକ୍ତବ୍ୟ ଉପସ୍ଥାପନ କରିପାରନ୍ତି, ଅସାମାନ୍ୟ ଦିଗ୍‌ଦର୍ଶନ ବଳରେ ସାମାଜିକ କ୍ଷେତ୍ରଗୁଡ଼ିକୁ ସମୃଦ୍ଧ କରିପାରନ୍ତି । ସେହି ଜଣଜଣଙ୍କ ପ୍ରତି କିଛି ମଣିଷ ଈର୍ଷା କରନ୍ତି । ଈର୍ଷା ବେଳେବେଳେ ଶତ୍ରୁତାର ରୂପ ଗ୍ରହଣ କରେ । ଈର୍ଷାଳୁ ଲୋକଟି ଅଶାନ୍ତି, ଅସହିଷ୍ଣୁତାର ଅନଳରେ ଜଳୁଥାଏ, ଅନ୍ୟ ପ୍ରତି ଅସୁନ୍ଦର ଆଚରଣ କରୁଥାଏ । ବୁଦ୍ଧ କହିଲେ, 'ଈର୍ଷା, ଅସହିଷ୍ଣୁତା ଭଳି ବର୍ଜ୍ୟବସ୍ତୁକୁ ହୃଦୟରୁ କାଢ଼ିଦିଅ । ଶାନ୍ତ, ସମାହିତ ହୁଅ । ପରସ୍ପର ମିତ୍ରତା ପାଶରେ ବାନ୍ଧି ହୋଇ ରୁହ । ସମସ୍ତଙ୍କ ପ୍ରତି ସୁନ୍ଦର ଆଚରଣ କର, କାରୁଣିକ ହୁଅ । ପ୍ରତିମାର ପୂଜାକୁ ନୁହଁ, ପ୍ରତିଭାର ଉର୍ଜ୍ଜାକୁ ଗୁରୁତ୍ୱ ଦିଅ।' କେଡ଼େ ସୁନ୍ଦର ଦିଶନ୍ତା ସତରେ ଏ ପୃଥିବୀ, ଯଦି ସମସ୍ତ ମଣିଷ ମୈତ୍ରୀ ବନ୍ଧନରେ ବାନ୍ଧି ହୋଇ ରହନ୍ତେ ! ଯୁଦ୍ଧ-ଆସକ୍ତ ଭୂତ ନହୋଇ ଶାନ୍ତି-ଆଶାୟୀ ଦୂତ ହୁଅନ୍ତେ । ଅହଂକାରୀ, କୁତ୍ସିତ ନହୋଇ ନମନୀୟ, କମନୀୟ ହୁଅନ୍ତେ। ଅଧିକରୁ ଅଧିକ ସମ୍ପତ୍ତି, ସିଂହାସନ, ସମ୍ଭୋଗ ଲାଳସା ତ୍ୟାଗ କରି ସଂଯତମନା ହୁଅନ୍ତେ । ଯାହା ବୁଦ୍ଧ ହୋଇପାରିଥିଲେ । ଉଆସରୁ ଓହ୍ଲାଇ ଆସି ସେ ଅଭିଯାତ୍ରୀ ହୋଇଥିଲେ ସାତ୍ତ୍ୱିକ ଚେତନାର ଉତ୍ତରଣ ଅଭିମୁଖେ । ମାଟି ଆଉ ମଣିଷର ଜୟଗାନ ସେ କରିଥିଲେ । କାମନାଜନିତ ଦୁଃଖ ଆଉ ଦୁଃଖ-ମୋଚନର, ଆତ୍ମପ୍ରତ୍ୟୟ ଆଉ ପ୍ରତିବଦ୍ଧତାର, ସତ୍ୟ ଆଉ ଶୁଦ୍ଧତାର, ସାମ୍ୟ ଆଉ ସଂହତିର କଥା ସେ କହିଥିଲେ । ତାଙ୍କ ଦୃଷ୍ଟି ସମ୍ମୁଖରେ ଥିଲା ବିବେକର ବିପୁଳ ଦିଗନ୍ତ, ବିଚାରବୋଧର ଚାରୁ ଚିତ୍ରପଟ । ତଟିନୀ ତଟସ୍ଥ ଗୋଟେ ବୃକ୍ଷ ଛାଇରେ ବସି ସେ ଦେଖିପାରିଥିଲେ ସମଗ୍ର ମାନବ-ଜାତିର ଛବି । ମଣିଷ ଭିତରେ କାମନାର କୋଳାହଳ, ହତାଶାର ହଳାହଳକୁ ସେ ଅନୁଭବ କରିଥିଲେ। ତେଣୁ ବାଟଟିଏ ବତାଇଥିଲେ ସଂଯମ ବଳରେ ଆନନ୍ଦ ଓ ଆଲୋକର ଅମୃତ ପ୍ରାପ୍ତି ନିମିତ୍ତ□ ।

# ବୈଦ୍ୟରାଜ ଜୀବକ ଓ ମାତା ଆମ୍ରପାଲ୍ଲୀ



ରାଜଲକ୍ଷ୍ମୀ ତ୍ରିପାଠୀ
ପୁରୀ
ମୋ : ୮୨୪୯୪୦୮୧୭୭

ମାର୍ଗଶିରମାସ ଶେଷ ଭାଗର ଏକ ସକାଳ । ଝରକା ଦେଇ ଘର ଭିତରକୁ ପଶି ଆସୁଛି ଶୀତଳ ପବନ । ଚାରିଆଡ଼ ଆନନ୍ଦ ମୁଖରିତ । ନଗରବଧୂ ଆମ୍ରପଲ୍ଲୀ ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି । ସଦ୍ୟଜାତ ପୁତ୍ରର ମୁଖକୁ ଦେଖି କୋଶାମ୍ବୀରୁ ଆସିଥିବା ତପସ୍ୱୀ ସାଣ୍ଡିଲ୍ୟ ସତ୍ୟବ୍ରତ ଭବିଷ୍ୟବାଣୀ କରି ମାତା ଆମ୍ରପାଲ୍ଲୀଙ୍କୁ କହିଲେ : ଏ ସନ୍ତାନ ଅତ୍ୟନ୍ତ ବିଦ୍ୱାନ ହୋଇ ଜଗତରେ ପ୍ରସିଦ୍ଧି ଲାଭ କରିବ । ଅନ୍ତିମକାଳରେ ସନ୍ୟାସୀ ହୋଇ ମୋକ୍ଷ ବା ନିର୍ବାଣ ପ୍ରାପ୍ତ ହେବ । ଆମ୍ରାପାଲ୍ଲୀଙ୍କ ସମଗ୍ର ଶରୀର ଶିହରି ଉଠିଲା ତପସ୍ୱୀଙ୍କ କଥାରେ। ଶିଶୁପୁତ୍ରର ପିତା ନରେଶ ବିମ୍ବିସାରଙ୍କ ମନ ଆନନ୍ଦ ସାଗରରେ ଲହରିତ ହୋଇଗଲା । ପୁତ୍ରର ନାମକରଣ କଲେ 'ଜୀବକ' । ପୁତ୍ର ସନ୍ତାନର ମାତା ତଥା ଅପୂର୍ବ ସୁନ୍ଦରୀ ରୁପସୀ ଓ ବିଦୂଷୀ ଆମ୍ରପାଲ୍ଲୀଙ୍କୁ ଖୁସିରେ ପ୍ରେରଣ କଲେ ବହୁ ଧନ ସମ୍ପଦ ଓ ସେବାକାରୀ, ନିର୍ମାଣ କଲେ ରାଜପ୍ରାସାଦ ନିକଟରେ ଏକ ସୁଶୋଭିତ ବିଶାଳ ଅଟ୍ଟାଳିକା । ସେମାନଙ୍କର ସମସ୍ତ ସୁବିଧା ଓ ପ୍ରୟୋଜନୀୟ ଉପକରଣ ଯୋଗାଇଦେଇ ବିମ୍ବିସାର ନିଜକୁ ଧନ୍ୟ ମନେକରିଥିଲେ ନିଜକୁ । ନରେଶ ବିମ୍ବିସାରଙ୍କର ଆମ୍ରପାଲ୍ଲୀଙ୍କ ପ୍ରତି ଅତ୍ୟଧିକ ଆସକ୍ତି ଓ ପ୍ରେମ ଅନ୍ୟ ରାଣୀମାନଙ୍କ ମନରେ ଈର୍ଷା ଜାତ କଲା । ରାଜପ୍ରାସାଦରେ ଅନେକ ମନଗଢା କାହାଣୀ ସୃଷ୍ଟି ହେଲା । ଏ ଭ୍ରମ ମଧ୍ୟ ସୃଷ୍ଟି ହେଲା ଯେ ମଗଧର ସିଂହାସନକୁ ଭବିଷ୍ୟତରେ ନିଜର କରିବାକୁ ଆମ୍ରପାଲ୍ଲୀ ଜୀବକଙ୍କୁ ତାର ଉତ୍ତରାଧିକାରୀ କରିବେ । ତେଣୁ ଅନ୍ୟ ରାଣୀମାନେ ମିଶି ରାଜକୁମାର ଜୀବକଙ୍କୁ ହତ୍ୟା କରିବାର ଷଡଯନ୍ତ୍ର ରଚିଲେ । ଶିଶୁପୁତ୍ର ଜୀବକର ଜୀବନ ପ୍ରତି ବିପଦ ଥିବା ଦେଖି ଆମ୍ରପାଲ୍ଲୀ ଗମ୍ଭୀରତାର ସହ ସବୁ ବିଚାର କରି ଶେଷ ନିଷ୍ପତ୍ତି ନେଲେ ଯେ ଏ ରାଜ୍ୟ ତ୍ୟାଗ କରି ପୁନର୍ବାର ବୈଶାଳୀ ରାଜ୍ୟକୁ ଫେରିଯିବେ । ଯଦିଓ ଆମ୍ରପାଲ୍ଲୀଙ୍କ ପ୍ରେମ ଓ ଶିଶୁପୁତ୍ର ଜୀବକର ବିଚକ୍ଷଣ ବୌଦ୍ଧିକତା ଦ୍ୱାରା ରାଜା ବିମ୍ବିସାର ଅତ୍ୟନ୍ତ ପ୍ରଭାବିତ, ତଥାପି ଏ ଦୁହିଁଙ୍କ ଜୀବନରକ୍ଷା କରିବା ତାଙ୍କର ଧର୍ମ ହେତୁ ସେମାନଙ୍କର ବୈଶାଳୀ ପ୍ରତ୍ୟାବର୍ତ୍ତନ ପାଇଁ ସେ ସମସ୍ତ ବ୍ୟବସ୍ଥା ଓ ସୁରକ୍ଷା ଯୋଗାଇଦେଲେ ।

ଜୀବକ ପାଞ୍ଚବର୍ଷ ବୟସରେ ବୈଶାଳୀର ଏକ ବିଦ୍ୟାପୀଠରେ ଶିକ୍ଷା ଆରମ୍ଭ କରିଥିଲେ । ଅତ୍ୟନ୍ତ ସରଳ ଓ ଶାନ୍ତ ପ୍ରକୃତିର ଏହି ବାଳକ ସବୁ ଗୁରୁଙ୍କର ପ୍ରିୟ ଶିଷ୍ୟ ଥିଲେ । ସର୍ବଦା ଅନ୍ତର୍ମୁଖୀ ରହୁଥିବା ଜୀବକ କୌଣସି ବସ୍ତୁର ସତ୍ୟାସତ ନଜାଣି ଅନ୍ଧ ଭାବରେ କିଛି ସିଦ୍ଧାନ୍ତ ନେଉନଥିଲେ। ମାତା ଆମ୍ରପାଲ୍ଲୀଙ୍କ ପ୍ରତି ଥିଲା ତାଙ୍କର ଅଖଣ୍ଡ ଭକ୍ତି ଓ ଅନୁରକ୍ତି । ପ୍ରାସାଦ ଭିତର ମନୋରମ ଉଦ୍ୟାନ ବାଟିକାରେ ବହୁ ସନ୍ୟାସୀ, ଶ୍ରମଣ, ଋଷି, ସାଧୁସନ୍ଥ ଆଦିଙ୍କର ଅବସ୍ଥାନ କାଳରେ ବାଳକ ଜୀବକ ସେମାନଙ୍କୁ ଖାଦ୍ୟ, ବସ୍ତ୍ର ଓ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରନ୍ତି । ମା 'ଙ୍କ ଠାରୁ ପ୍ରେରଣା ପାଇ ଏସବୁ କାର୍ଯ୍ୟ କରିବାରେ ତାଙ୍କର ଅତ୍ୟନ୍ତ ଆଗ୍ରହ । ଅନ୍ୟପକ୍ଷରେ ଭିକ୍ଷୁ, ଶ୍ରମଣମାନେ ଜୀବକଙ୍କୁ ଆଶୀର୍ବାଦ ଦେଇ ଶୁଣାନ୍ତି ଅନେକ ତତ୍ତ୍ୱ ଓ ସିଦ୍ଧାନ୍ତର ବିଷୟ । ଭିକ୍ଷୁ ଭାଗଗାଙ୍କ ଠାରୁ ଜୀବକ ପ୍ରଥମଥର ପାଇଁ ଶୁଣିଲେ ମହାତ୍ମା ବୁଦ୍ଧଙ୍କର ବାଣୀ । ଏକାଗ୍ର ଚିତ୍ତରେ ସେ ସବୁ ଅନ୍ତରସ୍ଥ କରି ମହାତ୍ମା ବୁଦ୍ଧଙ୍କୁ ସାକ୍ଷାତ କରିବାର ଇଚ୍ଛା ତାଙ୍କର ପ୍ରବଳ ହୋଇଥିଲା । ସର୍ବଦା ତାଙ୍କ କର୍ଣ୍ଣରେ ଝଙ୍କୃତ ହେଉଛି ମହାମାନବଙ୍କ ବାଣୀ, 'ଜୀବନରେ ଦୁଃଖ ଆସେ କାରଣ ତୃଷ୍ଣା ଓ ଆସକ୍ତି ହିଁ ଦୁଃଖର ମୂଳ । ସଂସାରର ସବୁକିଛିକୁ ଉପଭୋଗ କରିବାର ପ୍ରବଳଇଚ୍ଛା ମନୁଷ୍ୟକୁ ରାଗ, ଦ୍ୱେଷ, ମୋହ, ଅଭିମୁଖେ ଲମ୍ବା ଏକ ଦୀର୍ଘପଥରେ ନେଇଯାଏ ଏବଂ ମଣିଷକୁ ଅଶେଷ ଯାତନା ଓ ବେଦନାର ଶୃଙ୍ଖଳରେ ବାନ୍ଧିପକାଏ । ମନର ସବୁ ଭ୍ରମ, କୁସଂସ୍କାର ଓ କପୋଳକଳ୍ପିତ ବିଶ୍ୱାସ ସବୁକୁ ବୁଦ୍ଧଙ୍କର ସତ୍ ଧର୍ମ ଶିକ୍ଷା ହିଁ ତଡି ଦେଇପାରେ ।

ସମୟଚକ୍ର ସବୁକିଛିକୁ ଘୁରାଇଦିଏ, ବଦଳାଇଦିଏ ସବୁର ସ୍ଥିତି । ପୁତ୍ର ଜୀବକ ବର୍ତ୍ତମାନ ତକ୍ଷଶୀଳା ବିଶ୍ୱବିଦ୍ୟାଳୟର ଛାତ୍ର । କିଛିବର୍ଷ ପରେ ତାଙ୍କର ଆୟୁର୍ବେଦ ଶିକ୍ଷା ସମାପ୍ତ ହେବ । ମା 'ଙ୍କ ପାଖକୁ ଫେରିଆସିବେ, ଏ କଥା ଭାବି ଭାବବିହ୍ୱଳ ହୋଇଗଲେ ଆମ୍ରପାଲ୍ଲୀ । ମନରେ ତାଙ୍କର ଯେଉଁ ମହାନ ଆକାଂକ୍ଷା ଥିଲା ଯେ ବଂଶବନରେ ପୁତ୍ର ଜୀବକ ସହ ଭଗବାନ ବୁଦ୍ଧଙ୍କୁ ଭେଟିବେ, ତାହା ପୂରଣ ହୋଇସାରିଛି । ଭଗବାନ ବୁଦ୍ଧଙ୍କ ଭବିଷ୍ୟବାଣୀ ଥିଲା ଯେ , ଜୀବକ ଜଣେ ସଫଳ ଚିକିତ୍ସକ ରୂପେ ସମଗ୍ର ପୃଥିବୀରେ ସୁନାମ ଅର୍ଜନ କରିବେ । ତାଙ୍କ ପରୋପକାର ଓ ସଦାଚାର ହିଁ ତାଙ୍କୁ ଯଶସ୍ୱୀ କରିବ । ଜୀବକ, ବୁଦ୍ଧଙ୍କର ସ୍ନେହପୂର୍ଣ୍ଣ ସମ୍ବୋଧନ, କୋମଳସ୍ପର୍ଶ ଓ ସରଳ ସୁନ୍ଦର ଆକର୍ଷଣୀୟ ମଧୁର କଥା ସବୁଦିନ ପାଇଁ ତା 'ହୃଦୟରେ ସାଇତି ରଖିଛି, ଏ କଥା ମା' ଆମ୍ରପାଲ୍ଲୀ ଭଲ ଭାବରେ ଜାଣନ୍ତି । ଭଗବାନ ବୁଦ୍ଧ ତା 'ର ଏକମାତ୍ର ମାର୍ଗଦର୍ଶକ । ଉଭୟ ମାତା ଓ ପୁତ୍ର ଠିକ ବୁଝିଛନ୍ତି, ମଣିଷ ଜୀବନର ଲକ୍ଷ୍ୟ ଓ ମରଣଶୀଳ ସଂସାରକୁ ଅତିକ୍ରମ କରିବାର ସରଳପଥଟି କଣ । ତକ୍ଷଶୀଳାରେ ଅଧ୍ୟୟନ ଶେଷକରି ଜୀବକ ଚାହିଁଲେ ପ୍ରବଜ୍ୟା ଧର୍ମରେ ଦୀକ୍ଷିତ ହେବାକୁ କିନ୍ତୁ ବୁଦ୍ଧଦେବଙ୍କ ପରାମର୍ଶ ଦେଲେ ଯେ ସେ ପ୍ରଥମେ ଉପସକ ଭାବେ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ପ୍ରବଜ୍ୟା ଧର୍ମରେ ଦୀକ୍ଷିତ ହୋଇ ଶ୍ରମଣ ହେବେ । ଏ ଜଗତର କଲ୍ୟାଣ ସାଧନ ପାଇଁ ତାଙ୍କୁ ଏକ ସଫଳ ଚିକିତ୍ସକ ହେବାକୁ ପଡିବ ।

ମହାତ୍ମା ବୁଦ୍ଧଙ୍କ ଦିବ୍ୟ ସାନ୍ନିଧ୍ୟ ଲାଭ କରିବା ପରଠାରୁ ମାତା ଆମ୍ରପାଲ୍ଲୀ ନିଜ ଭିତରେ ଏକ ଅଭୁତପୂର୍ବ ପରିବର୍ତ୍ତନ ଲକ୍ଷ୍ୟ କଲେ । ପରମକାରୁଣିକ ବୁଦ୍ଧଙ୍କ ଶରଣାପନ୍ନ ହୋଇ ସେ ତାଙ୍କର ଅବଶିଷ୍ଟ ଜୀବନ ଏକ ଉପାସିକା ରୂପେ ଅତିବାହିତ କଲେ । ଏହା ମଧ୍ୟରେ ପୁତ୍ର ଜୀବକ ସମଗ୍ର ଦେଶରେ ପ୍ରଖ୍ୟାତ ଚିକିତ୍ସକ ରୂପେ ଖ୍ୟାତି ପାଇଲେ । ତକ୍ଷଶୀଳାର ଏକ ସାଧବାଣୀଙ୍କର ଅସାଧ୍ୟ ମୁଣ୍ଡବିନ୍ଧା ରୋଗ ସେ ଔଷଧ ପ୍ରୟୋଗକରି ଭଲ କରିଦେଇଥିଲେ । ସେହି ସାଧବାଣୀ ତାଙ୍କ ମୁଣ୍ଡରେ ସାତବର୍ଷ ଧରି ଅସହ୍ୟ ଯନ୍ତ୍ରଣା ଭୋଗ କରୁଥିଲେ । ବୈଦ୍ୟରାଜ ଜୀବକ ତାଙ୍କ କପାଳରୁ ଦୁଇଟି କୀଟ ବାହାରକରି ସମଗ୍ର ଦେଶରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ଦେଶ ତଥା ବିଦେଶରୁ ଆସିଥିବା ଅନେକ ରୋଗୀ ତାଙ୍କ ପାଖରେ ସୁସ୍ଥ ହେଉ ଥିଲେ । ସର୍ପ ଓ ଅନ୍ୟାନ୍ୟ କୀଟ ଦଂଶନଜନିତ ରୋଗ ବିଷହରଣ ମନ୍ତ୍ରରେ ଆରୋଗ୍ୟ କରିପାରୁଥିଲେ । ଆମ୍ରପାଲ୍ଲୀ ନିଜ ଆମ୍ରକାନନରେ ଜୀବକଙ୍କ ପାଇଁ ଏକ ସୁନ୍ଦର ବୈଦ୍ୟଗୃହ ଓ ଚିକିତ୍ସାଳୟ ନିର୍ମାଣ କରିଥିଲେ । ମହାତ୍ମା ବୁଦ୍ଧ ମଝିରେ ମଝିରେ ସେଠାକୁ ଆସି ଜୀବକଙ୍କୁ ଭିକ୍ଷୁ ଓ ଶ୍ରମଣ ଓ ନାଗରିକମାନଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ ନେବାପାଇଁ ପରାମର୍ଶ ଦିଅନ୍ତି । ଥରେ ବୁଦ୍ଧଦେବ ତାଙ୍କ ଶରୀରର ଅମ୍ଳ ଓ ଲାଳର ଅସଂଗତି ଯୋଗୁଁ ବେଦନା ଓ କଷ୍ଟ ପାଉଥିବାର ଦେଖି ବୈଦରାଜ ଜୀବକ ତାଙ୍କୁ ଚିକିତ୍ସାକରି ଆରୋଗ୍ୟ କରିଥିଲେ । ବୈଦ୍ୟରାଜ ଜୀବକ ତାଙ୍କ ଆମ୍ରକାନନରେ ଏକ ଆଶ୍ରୟସ୍ଥଳୀ ନିର୍ମାଣକରି ଅଢେଇଶହ ଭିକ୍ଷୁଙ୍କୁ ଆଶ୍ରୟ ଦେଇଥିଲେ । ସେହି ଆଶ୍ରୟସ୍ଥଳର ନାମ ଥିଲା 'ଜୀବକାମ୍ବନ' ।

ମହାତ୍ମାବୁଦ୍ଧଙ୍କ ଭୀଷଣ ବୃଦ୍ଧାବସ୍ଥା ଦେଖି ଜୀବକ ତାଙ୍କୁ ବିନୀତ କଣ୍ଠରେ କହିଥିଲେ, 'ପ୍ରଭୁ, ବର୍ତ୍ତମାନ ମୁଁ ସଂସାର ତ୍ୟାଗ କରି ଗୃହଶୂନ୍ୟ ସନ୍ୟାସୀ ହେବାକୁ ଚାହେଁ । ମୋତେ ପ୍ରବଜ୍ୟାରେ ଦୀକ୍ଷିତ କରନ୍ତୁ, ମୁଁ ଭିକ୍ଷୁ ହେବାକୁ ଚାହେଁ ' ବୁଦ୍ଧଦେବ ସ୍ୱୟଂ ତାଙ୍କୁ ପ୍ରବଜ୍ୟା ଧର୍ମରେ ଦୀକ୍ଷିତକରି ତାଙ୍କର ନାମ ଦେଲେ 'ବିମଳକୋଣ୍ଡନ' । ଜୀବକାମ୍ବନରେ ବିମଳକୋଣ୍ଡନ ବିଭିନ୍ନ ଔଷଧୀୟ ବୃକ୍ଷରୋପଣ କରାଇ ଏକ ସ୍ୱାସ୍ଥକର ବିହାରରେ ପରିଣତ କଲେ । ଭିକ୍ଷୁ ହୋଇ ବି ସର୍ବଦା ଜନସାଧାରଣଙ୍କ ସେବା କରିବାକୁ ଭୁଲିନଥିଲେ । ମାତା ଆମ୍ରପାଲ୍ଲୀ ଜାଣିଥିଲେ ଯେ ଜୀବକଙ୍କ ସମ ପ୍ରଖ୍ୟାତ ଚିକିତ୍ସକ ଦେଶ ଓ ଦେଶବାହାରେ ବିରଳ । ମାନବୀୟ ଚିକିତ୍ସା କ୍ଷେତ୍ରରେ ସେ ଜଣେ ଅନନ୍ୟ ବୈଜ୍ଞାନିକ। ଭାରତୀୟ ପ୍ରାଚୀନ ଚିକିତ୍ସା ବିଜ୍ଞାନ ଗ୍ରନ୍ଥମାନଙ୍କରେ ଜୀବକ ବା ବୁଦ୍ଧଜୀବକଙ୍କ ନାମ ଦେଖିବାକୁ ମିଳେନା । କିନ୍ତୁ ମହାତ୍ମାବୁଦ୍ଧଙ୍କ ସମୟରେ ଏକ ପାଲି ଗ୍ରନ୍ଥ 'ମଦାବଗବ', ବୌଦ୍ଧଜାତକ ତଥା ତିବତୀୟ ଗାଥାମାନଙ୍କରେ ଜୀବକ ନାମକ ପ୍ରସିଦ୍ଧ ବୈଦ୍ୟଙ୍କର ନାମ ଦେଖିବାକୁ ମିଳେ ।

# ପବିତ୍ର ବୁଦ୍ଧ ପୂର୍ଣ୍ଣିମା



ମହେଶ୍ୱର ମହାରଣା
ଫୋନ୍-୯୪୩୭୦୮୦୫୦୭

ଖ୍ରୀଷ୍ଟପୂର୍ବ ୫୪୩ରେ ବୈଶାଖ ମାସର ପୂର୍ଣ୍ଣିମା, ତିଥିରେ ରାଜା ଶୁଦ୍ଧଧନ ଓ ରାଣୀ ମାୟାଦେବୀଙ୍କ କୋଳରେ ଜନ୍ମିତ ରାଜକୁମାରଙ୍କ ନାମ ଥିଲା ସିଦ୍ଧାର୍ଥ । ସିଦ୍ଧ ଅର୍ଥ ପୂର୍ଣ୍ଣତା । ଅର୍ଥ ହେଉଛି ଲକ୍ଷ୍ୟ । ପୂର୍ଣ୍ଣ ଲକ୍ଷ୍ୟରେ ପହଞ୍ଚିବା ହିଁ ସିଦ୍ଧାର୍ଥ । ତାଙ୍କ ଜନ୍ମିତ ମାତାଙ୍କ ମୃତ୍ୟୁ ପରେ ରାଜମାତା ଗୌତମି ତାଙ୍କୁ ପାଳନ କରିଥିବାରୁ ତାଙ୍କୁ ଗୌତମ ବୋଲି କୁହାଯାଏ । ଗୌତମ ଅର୍ଥ ଇନ୍ଦ୍ରୀୟମାନଙ୍କୁ ସଠିକ୍ ଭାବରେ ପରିଚାଳନା କରିବା । ଶାକ୍ୟ ରାଜବଂଶରେ ଜନ୍ମିତ ହୋଇଥିବାରୁ ଓ ଧ୍ୟାନସ୍ଥ ବ୍ୟକ୍ତି ପାଇଁ ତାଙ୍କୁ ଶାକ୍ୟ ମୁନି ବୋଲି କୁହାଯାଏ । ବୁଦ୍ଧତ୍ୱ ଏକ ଚେତନା । ସେ ଏହାର ଅଧିକାରୀ ହୋଇଥିବାରୁ ତାଙ୍କୁ ବୁଦ୍ଧ କୁହାଯାଏ । ଜ୍ଞାନୀ ବିଦ୍ୱାନମାନଙ୍କର ତଥା ଦେବଗଣ ଏବଂ ମନୁଷ୍ୟ ମାନଙ୍କର ଜଗତରେ ଯାହା କିଛି ଦୃଷ୍ଟ ଏବଂ ଶ୍ରୁତ ସେସବୁକୁ ଯେ ବୁଝିବାରେ ସମର୍ଥ, ତାଙ୍କୁ ତଥାଗତ କୁହାଯାଏ । ବୁଦ୍ଧ ଏହାର ଅଧିକାରୀ ହୋଇଥିବାରୁ ତାଙ୍କୁ ଜଣେ ତଥାଗତ ବୋଲି କୁହାଯାଏ । ତେଣୁ ସେ ସିଦ୍ଧାର୍ଥ, ଗୌତମ, ଶାକ୍ୟମୁନି, ତଥାଗତ ଓ ବୁଦ୍ଧ ନାମରେ ପରିଚିତ । ବୈଶାଖ ପୂର୍ଣ୍ଣିମା ଏକ ପବିତ୍ର ଦିନ । ଏହି ପୂର୍ଣ୍ଣିମା ତିଥିରେ ଗୌତମ ଜନ୍ମଗ୍ରହଣ କରିଥିଲେ । ବୁଦ୍ଧପ୍ରାପ୍ତି ହେଲେ ଏବଂ ଜଗତରୁ ବିଦାୟ ନେଲେ ।

ଅନେକ ଲୋକ ଭାବନ୍ତି ବୁଦ୍ଧ ଧର୍ମ ଦୁଃଖ ବିଷୟରେ ଓ ବୁଦ୍ଧଧର୍ମର ଅର୍ଥ ଶୁଦ୍ଧ ସଚେତନତା । ଏହି ସଚେତନତା ବିଷୟରେ ଆମେ ଯଦି କେବଳ ବାହ୍ୟ କାର୍ଯ୍ୟରେ ନିଜକୁ ନିବେଶ କରୁ, ତେବେ କେବଳ ଦୁଃଖ ହିଁ ଅଛି, ଯେତେବେଳେ ଆମେ ଆମର ଆଭ୍ୟନ୍ତରୀଣ ସଚେତନତା ଉପରେ କାର୍ଯ୍ୟ କରୁ, ତେବେ ଖୁସି ସାଭାବିକ ଭାବରେ ଆସିଥାଏ । ନିଜ ଭିତରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଦ୍ୱାରା ଜୀବନର ସମସ୍ତ ସମସ୍ୟା ସମାଧାନର ଜ୍ଞାନ ଆସିଥାଏ ।

ବୁଦ୍ଧଙ୍କ ପଥ ଚିନ୍ତାରେ ନାହିଁ, ଏହା ଚେତନାରେ ଅଛି । ବୁଦ୍ଧ ତାଙ୍କର ସତ୍ୟ କାହାଣୀ, ବାଣୀ, ତାଙ୍କର ବାର୍ତ୍ତା ତାଙ୍କର ଦର୍ଶନ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିଥିଲେ । "ତ୍ରିପିଟକ" ହେଉଛି ସମ୍ୟକ ସମ୍ବୁଦ୍ଧଙ୍କ କଲ୍ୟାଣକାରୀ ଶିକ୍ଷାର ସଂକଳନ ଏବଂ ସଂଗ୍ରହ । ଏଥିରେ ତଥାଗତ ବୁଦ୍ଧଙ୍କ ବ୍ୟବହାରିକ ଏବଂ ଆଧାତ୍ମିକ ଶିକ୍ଷା ରହିଛି । ସରଳ ଏବଂ ଗମ୍ଭୀର ଶିକ୍ଷା ଏଠାରେ ଅନ୍ତର୍ଭୁକ୍ତ କରାଯାଇଛି । "ତ୍ରିପିଟକକୁ ୩ ଭାଗରେ ବିଭକ୍ତ କରାଯାଇଛି ।

୧. ବିନୟପିଟକ – ଏହା ବୌଦ୍ଧ ଧର୍ମର ସମ୍ବିଧାନ ଅଟେ; ବିନୟପିଟକର ଏକମାତ୍ର ବିଷୟ ହେଉଛି ଭିକ୍ଷୁକ ଏବଂ ଭିକ୍ଷୁଣୀ ସଂଘ । ବିନୟ ପିଟକରେ ନୈତିକତା ଉପରେ ଶିକ୍ଷା ଅଛି ।

୨. ସୂତପିଟକ – ସୂତପିଟକ ମନ ସହ ଜଡ଼ିତ ଶିକ୍ଷା ଅଛି । ବୁଦ୍ଧଙ୍କର ଉପଦେଶଗୁଡ଼ିକ ହିଁ ସୂତପିଟକର ବିଷୟବସ୍ତୁ ଅଟେ । ବୁଦ୍ଧଙ୍କର କେତୋଟି ପ୍ରଧାନ ଶିଷ୍ୟ ସାରିପୁତ୍ତ, ମୌଗଲ୍ୟାୟନ ଓ ଆନନ୍ଦଙ୍କୁ ଉପଦେଶାବଳୀକୁ ସନ୍ନିବେଶିତ କରାଯାଇଛି । ସୂତପିଟକକୁ ପାଂଚ ବିଭାଗରେ ବିଭକ୍ତ କରାଯାଇଛି । ଯଥା - ଦୀଘନିକାୟ, ମଝିମ୍ ନିକାୟ, ସଂଯୁତ ନିକାୟ, ଅଙ୍ଗୁତର ନିକାୟ ଏବଂ ଖୁଦ୍‌ଦକ୍ ନିକାୟ ।

୩. ଅଭିଧମ ପିଟକ – ଏହା ନିର୍ବାଣ ଆଡ଼କୁ ନେଇଯାଉଥିବା ଶିକ୍ଷା । ଏଥିରେ ବୁଦ୍ଧଙ୍କ ମନ୍ତବ୍ୟଗୁଡ଼ିକର ବର୍ଗୀକରଣ ଓ ବିଶ୍ଳେଷଣ କରାଯାଇଛି । ଅଭିଧମପିଟକ ସାତୋଟି ଗ୍ରନ୍ଥର ସମାହାର ଅଟେ; ଯଥା- ଧମସଙ୍ଗଣୀ, ବିଭଙ୍ଗ, କଥାବସ୍ତୁ, ପୁଗ୍‌ଗଳ ପଣ୍ଡିତି, ଧାତୁକଥା, ଯମକ ଓ ପଠନ । ଧର୍ମପଦ, ବୌଦ୍ଧସାହିତ୍ୟର ଲୋକପ୍ରିୟ ଗ୍ରନ୍ଥ ବୋଲି । ବୌଦ୍ଧମାନେ ବିଚାର କରନ୍ତି ।

ଧମ୍ମ ପଦ ବୁଦ୍ଧଙ୍କ ମୁଖ ନିଃସୃତବାଣୀ ବୋଲି ଭାବନ୍ତି । ହିନ୍ଦୁମାନେ ଗୀତାଙ୍କୁ ଯେପରି ଭକ୍ତି କରନ୍ତି । ବୌଦ୍ଧମାନେ ଧମ୍ମପଦକୁ ସେତିକି ଭକ୍ତି କରନ୍ତି ।

ଗୌତମବୁଦ୍ଧ 'କାରଣ' ନିୟମରେ ବିଶ୍ୱାସ କରୁଥିଲେ । ବିନା କାରଣରେ କିଛି ହୁଏନାହିଁ । ପ୍ରତ୍ୟେକ କାରଣ ସମାନ ଭାବରେ ଏକ ପ୍ରଭାବ ସୃଷ୍ଟି କରେ । ମଣିଷର ଦୁଃଖ ମଧ୍ୟ ଏକ କାରଣ । ଯଥାର୍ଥରେ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଛନ୍ତି ଯେ ବୁଦ୍ଧ ବୈଜ୍ଞାନିକ ଭାବରେ ଚିନ୍ତା କରିବାରେ ପ୍ରଥମ ଥିଲେ । ସେ ବିଶ୍ୱର ପ୍ରଥମ ମହାନ୍ ବୈଜ୍ଞାନିକ । ଭବିଷ୍ୟତରେ ବୌଦ୍ଧଧର୍ମ ବିଶ୍ୱବାସୀଙ୍କ ଧର୍ମ ହେବ ।

ଧ୍ୟାନ ମାଧ୍ୟମରେ ନିଜର ଅନ୍ତର ଆତ୍ମାକୁ ପ୍ରବେଶ କରି, ନିଜର ଚେତନା ଜାଗୃତ କଲେ ନିଜ ଆଲୋକରେ ଆଲୋକିତ ହୋଇପାରିବ । ଏହା ଥିଲା ବୁଦ୍ଧଙ୍କର ଉପଦେଶ ବୁଦ୍ଧ ପ୍ରଦତ୍ତ ତ୍ରିରତ୍ନ-ବୁଦ୍ଧଶରଣଂ ଗଚ୍ଛାମି, ଧମ୍ମ ଶରଣଂ ଗଚ୍ଛାମି, ସଂଘମ୍ ଶରଣଂ ଗଚ୍ଛାମି ନେଇ ଜୀବନକୁ ଶାନ୍ତିମୟ ସୁଖମୟ, ଆନନ୍ଦମୟ କରିବା ଉଚିତ୍ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୮୦

## ରାଜା ବିରାଟଙ୍କ ଭ୍ରାନ୍ତି ଦୂରହେଲା-୩



ପରଦିନ... ଦରବାରେ... ରାଜା ବିରାଟ ପହଞ୍ଚିଲା ବେଳକୁ କଙ୍କ, ବେଲାଳ, ବୃହନ୍ନଳା, ଧର୍ମଗ୍ରନ୍ଥି ଓ ତାନ୍ତ୍ରିପାଳ ସଭାରେ ଉପସ୍ଥିତ ଥିଲେ ଏବଂ ଉପସ୍ଥିତ ଥିଲେ ସୈରିନ୍ଧ୍ରୀ ।

କୁମାରଙ୍କ ବୀରତ୍ୱ ଉପରେ ଆଲୋଚନା ହେବା ପୂର୍ବରୁ ପାଣ୍ଡବମାନେ ସେମାନଙ୍କର ପରିଚୟ ପ୍ରକାଶ କଲେ । ରାଜାଙ୍କ ସମେତ ଉପସ୍ଥିତ ପାରିଷଦଙ୍କର ଆଖି ଖୋସିହୋଇଗଲା ।

ଦ୍ରୌପଦୀଙ୍କୁ ମୁଁ ଚାକରାଣୀ ପରି ଖଟେଇଛି ! ଏବଂ ଯୁଧିଷ୍ଠିରଙ୍କୁ ଥାପଡ଼ ମାରିଛି !

ରାଜା ବିରାଟ ଯୁଧିଷ୍ଠିରଙ୍କୁ ଆଲିଙ୍ଗନ କଲେ ଓ କ୍ଷମା ମାଗିଲେ ଏବଂ ଆଦେଶଦେଲେ ରାଜକୁମାରୀ ଉତ୍ତରାକୁ ଏଠାକୁ ନେଇଆସ । ଅର୍ଜୁନଙ୍କ ସହ ତାଙ୍କର ବିବାହ ହେବ !

ଅର୍ଜୁନ ହାତ ଯୋଡ଼ି କହିଲେ- ମହାରାଜ, ତାହା ସମ୍ଭବ ନୁହଁ । ମୁଁ ଉତ୍ତରାକୁ ନାଚ ଓ ଗୀତ ଶିଖେଇଛି । ସେ ମୋ ଝିଅ ପରି । ବରଂ ମୋର ପୁଅ ଅଭିମନ୍ୟୁଙ୍କ ସହ ତାଙ୍କର ବିବାହ ଦିଅନ୍ତୁ ।

ଏହି ସମୟରେ ହସ୍ତିନାପୁରରୁ ଦୂତ ଆସି ପହଞ୍ଚିଲେ । ଯୁଧିଷ୍ଠିରଙ୍କ ପାଇଁ ଦୁର୍ଯ୍ୟୋଧନଙ୍କର ବାର୍ତ୍ତା ଆଣିଥିଲେ ।”

“ହେ ଯୁଧିଷ୍ଠିର ! ତୁମର ଅଜ୍ଞାତବାସ ଅସଫଳ ହୋଇଛି । ଅର୍ଜୁନଙ୍କ ବୋକାମି ପାଇଁ ତୁମେ ଧରାପଡ଼ିଗଲ ! ଦୁର୍ଯ୍ୟୋଧନଙ୍କ ଆଦେଶ, ପୂର୍ବ ସର୍ତ୍ତଅନୁସାରେ ତୁମେ ପୁନରାୟ ବାରବର୍ଷ ବନବାସରେ ଯାଅ । ଆଉ ଇନ୍ଦ୍ରପ୍ରସ୍ଥ ଫେରିପାରିବନାହିଁ ।” କହିଲେ ରାଜଦୂତ ।

ଯୁଧିଷ୍ଠିର ହସିଲେ । କହିଲେ- ହେ ଦୂତ ! ତୁମେ ଦୁର୍ଯ୍ୟୋଧନଙ୍କ ପାଖକୁ ଫେରିଯାଅ । ତାଙ୍କୁ କହିବ, ଅର୍ଜୁନଙ୍କୁ ସେମାନେ ଦେଖିବା ପୂର୍ବରୁ ଆମର ଶେଷବର୍ଷର ଅଜ୍ଞାତବାସ ଶେଷ ହୋଇଯାଇଥିଲା । ଯେବେ ସନ୍ଦେହ ଆସେ, ଭୀଷ୍ମ ଓ କୃପାଚାର୍ଯ୍ୟଙ୍କ ସହ ପରାମର୍ଶ କରନ୍ତୁ । ଗ୍ରହ ନକ୍ଷତ୍ରଙ୍କ ଗତିବିଧି ଉପରେ ସେମାନଙ୍କର ଜ୍ଞାନ ଅପରିସୀମ ।

ଦୁର୍ଯ୍ୟୋଧନଙ୍କ ଦୂତ ହସ୍ତିନାପୁର ଫେରିଗଲେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଶ୍ରମିକ ଭାଇ ଶ୍ରମିକ ଭାଇ

### *ସୁଜିତ କୁମାର ମିଶ୍ର*



ଶ୍ରମିକ ଭାଇ ଶ୍ରମିକ ଭାଇ
ତୋର ଶକତି ବହୁ
ସେବା କରୁ ତୁ କରମ କରି
ଝରାଇ ଲୁହଲହୁ ।

ସକାଳୁ ସଞ୍ଜ ଝାଳ ନିଗାଡୁ
ସବୁରି ହିତ ପାଇଁ,
ତୋର ଛୁଆଁରେ ଅଭାବୀ ଦେଶ
ପାଲଟେ ସୁନାଭୂଇଁ ।

ନିଜେ ନଖାଇ ପରକୁ ଦେଉ
ଆହାର ମୁଠା ମୁଠା,
ତୋ ପାଇଁ ସିନା ଝଲସି ଉଠେ
ମନ୍ଦିର, ମଠ, କୋଠା ।

ଖଣି ଖାଦାନ ସବୁଠି ତୁହି
ଦେଉ ତୋ ଶ୍ରମ ଦାନ,
ତୁ ପରା ତୋର ତ୍ୟାଗ ବଳରେ
ରଖୁ ଦେଶର ମାନ ।

ମାଟିକୁ କରୁ ସରଗ ତୁହି
କେତେ କୋଣାର୍କ ତୋଳି,
ଆଲୋକ ଜ୍ୟୋତି ଅନ୍ଧାରେ ହେଉ
ଦୀପଟେ ପରି ଜଳି ।

ହାଡ ଦିଖଣ୍ଡ କିଛି ରକ୍ତରେ
ହୋଇଛୁ ଠିଆ ତୁହି,
ତଥାପି ଯୁଦ୍ଧ କରି ଚାଲିଛୁ
ଆଶାର ନାଆ ବାହି ।

ଯୋଦ୍ଧାଟିଏ ତୁ ସଭିଙ୍କ ପାଇଁ
ଭୁଲି ଆପଣା ପର,
ଅଛି ବୋଲି ତୁ ବିକାଶ ରଥ
ଗଡୁଛି ନିରନ୍ତର ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



# ସେ ପରା ଆମରି ଭାଇ...

### *ରାମଚନ୍ଦ୍ର ବେହେରା*

ଆସୁଅଛି ମଇ ପହିଲା ତାରିଖ
ବିଶ୍ୱ ଶ୍ରମିକ ଦିବସ
ଯାହା ପାଇଁ ଦେଶ ପ୍ରଗତି କରୁଛି
ସେ ଆମ ଚିର ନମସ୍ୟ
ଦିବାରାତି ଶ୍ରମ କରି
ଦୁନିଆଁକୁ ଯିଏ ନୂଆ ରୂପ ଦିଏ
ଭୁଲି ନିଜ ସୁଖ ଶିରୀ ।
ନଦୀବନ୍ଧ ରାସ୍ତା କଳ କାରଖାନା
ଗଢେ ଅଟ୍ଟାଳିକା ସିଏ
ଦେବାଳୟ ଗୀର୍ଜା ମସ୍‌ଜିଦ୍ ସ୍ତୁପ
ତାପାଇଁ ଜଗତେ ଶୋହେ
ସ୍ୱଳ୍ପ ରୋଜଗାର ପାଏ
ପରିବାର ପାଇଁ ଦେଶ ବିଦେଶରେ
ଦାଦନ ଖଟଇ ସିଏ ।
ଲହୁଲୁହ ଢାଳି କରମ କରେ ସେ
କର୍ମ ତା ଜୀବନ ଧର୍ମ
ଦେଶ ହିତ ପାଇଁ ଶ୍ରମଦାନ କରେ
ଭୁଲି ମାନ ଅଭିମାନ
ସେ ପରା ଆମରି ଭାଇ
ଖରା ବର୍ଷା ଶୀତ ତା'ପାଇଁ ସମାନ
ଖଟୁଥାଏ ଦୁଃଖ ସହି ।
ଯା'ପାଇଁ ହସୁଛି ଏ ସାରା ଜଗତ
ଆସ ସର୍ବେ ମେଳି ହୋଇ
ପୁଷ୍ପଗୁଚ୍ଛ ଦେଇ ତା'ମନ ମୋହିବା
ତା'ର ଶ୍ରମଦାନ ପାଇଁ
ସିଏ ଆମ ଆପଣାର
ଶ୍ରେଷ୍ଠ ମାନବରେ ସେ ବିଶ୍ୱେ ବିଖ୍ୟାତ
ଦେବା କିଛି ଉପହାର ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ଶୁଝିବ କେ ତୁମ ଋଣ...

### *ନଗେନ୍ଦ୍ର ନାଥ ପଟ୍ଟନାୟକ*



ଶ୍ରମିକ ଭାଇରେ ଶ୍ରମିକ ଭାଇ
ଶ୍ରମଦାନ କରୁ ଆମରି ପାଇଁ
ଦୁଃଖ କଷଣକୁ ଖାତିର ନାହିଁ
ଦେଶହିତ ସାଧୁ ବିପଦେ ରହି
ତୁମର ହାତର ପରଶ ପାଇଲେ
ନିରି ଜୀବ ଉଠେ ଚେଇଁ ।

ତୁମ ଅବଦାନ ଅମୂଲମୂଲ
ହାତରେ ଶକତି ହୋଇଛି ଠୁଳ
ହାତ କାମେ ତୁମ ମନଟା ସ୍ଥିର
ଆରାମ ପାଇଁକି ନ ଥାଏ ବେଳ
ଦେଶ ନିରିମାଣ ପ୍ରଗତିରେ ତୁମ
ଛାପ ଦିଶେ ଜଳଜଳ ।

ସହର ନଗର ସୁନ୍ଦରପଣ
କଳ କାରଖାନା ଖଣି ଖାଦାନ
ସବୁଥିରେ ତୁମ ହାତର ଚିହ୍ନ
କାଳକାଳକୁ ତା ଅଲିଭା ଜାଣ
ଖଟୁଅଛ ତୁମେ ଦେଶର ବିକାଶେ
ଶୁଝିବ କେ ତୁମ ଋଣ ।

ସଂସାର ଭିତରେ ବଳୁଆ ପରା
ତୁମେ ଅଟ ଦେଶ ବିଶ୍ୱର ହୀରା
ପରିଚୟ ତୁମ ଜଗତସାରା
ଶ୍ରମଦାନେ ତୁମେ ନୁହଁଇ ଢିଲା
ମୁଣ୍ଡ ଝାଳ ତୁଣ୍ଡେ ମାରି ଖଟୁଥାଅ
ଏକକରି ଖରାତରା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# ଶ୍ରମିକ ଭାଇରେ ଶୁଣିଯା

### *ଜୟକୃଷ୍ଣ ସାହୁ*



ଶ୍ରମିକ ଭାଇରେ ଶ୍ରମିକ ଭାଇ
କାମ କରୁ ଖରା ବରଷା ସହି
ସୁନାର ଫସଲ ଫଳାଉ କ୍ଷେତେ
ଧାନ ମୁଗ ବିରି ଯାହାକୁ ଯେତେ
ତୋ ପରି କିଏ ସେ ହେବ ?

ଆହାର ଦେଇ କେ ଦୁନିଆଁ ମୁଖରେ
ହସକୁ ଫୁଟେଇ ଦେବ ?
ତୋ ହାତ ପରଶେ ସହର ହସେ
କୋଠାବାଡି ରାସ୍ତା ସୁନ୍ଦର ଦିଶେ
ନାଳ ନରଦମା ନିର୍ମଳ ରହେ

ବାଃ ବାଃ ସାରା ଦୁନିଆଁ କହେ
ମୁଣ୍ଡ ଝାଳ ତୁଣ୍ଡେ ମାରି,
କଷଣ ସହି ତୁ କାମ କରିଯାଉ
ହାତରେ କୋଦାଳ ଧରି ।
କଳକାରଖାନା ଧାଡ଼ି କି ଧାଡ଼ି
ସହର ବଜାରେ ଉଠଇ ଗଢ଼ି
ତୋ ହାତ ପରଶ ଲୋଡ଼ଇ ସିଏ
ଛୁଇଁଦେଲେ ଚଳଚଞ୍ଚଳ ହୁଏ
ଛାଡ଼ି କେ ପାରିବ ତୋତେ ?
ତୋଓ ବିନା ସାରା ସଂସାର ଅସାର
ତୋ ଗୁଣ ଗାଇବି କେତେ ?
ଏ ମାଟିରେ କେହି ନାହିଁରେ ହୀନ
ତୋ ପାଇଁ ଏ ଜାତି ଅଟେ ମହାନ
ସେ ପାଇଁ ଗୋଟିଏ ଦିନ,
ସେଇ ଦିନ ମେ' ପହିଲା ଅଟେରେ
ପାଳୁ ହୋଇ ଖୁସି ମନ ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*

# ଶ୍ରମିକ ଭାଇ ବଡ଼ରେ ଗଣା

### *ମହେନ୍ଦ୍ର କୁମାର ଘଡ଼େଇ*

ବାଳୁତ ବେଳୁ ଏ ଦେହ ମନେ
କରିବି ଭଲ କାମ
ସୁନାମେ ଯଶ ତୋଳି ଧରି ମୁଁ
ଟେକିବି ଜାତି ନାମ ।
କାମ ତଉଲ କରିବି ନାହିଁ
ହେଉ ସେ ଯୋଉ କାମ
ଅଳସୁଆର ଅପବାଦରେ
ଯୋଡ଼ିବି ନାହିଁ ନାମ ।
ମାରା କାମଟି ଜାଣିବ ଦିନେ
ଫଳକୁ ଦେବ ଚାଟି
ତାହାରି ପାଇଁ ମୁହେଁ କାଳିମା
ବୋଲି ପଡ଼ିବ ଲୋଟି ।
ଆଗକୁ ଶିଳ୍ପୀ ଶ୍ରମିକ ସାଜି
ନିଗାଡ଼ି ଦେବି ଝାଳ
ଦେଶ ହିତରେ ପର ସେବାରେ
ଲାଗିବ ମୋର ବଳ ।
ସନ୍ଧାନୀ ସାଜି ସାଥୀ ମେଳରେ
ଖୋଜିବି ନୂଆ ରାହା
ଉତ୍ତର ପୀଢ଼ି କଥା କାମକୁ
ମନେରଖିବ ଯାହା ।
ପ୍ରକୃତିରାଣୀ ଦେଇଛି ସବୁ
ଖୋଜିଛି ଯାହା ଯାହା
ବିରସେ କିଆଁ ରାଗରୁଷାରେ
ହରେଇବି ମୁଁ ତାହା ।
ସମୟ ଶ୍ରମ ଶ୍ରମିକ ଭାଇ
ବଡ଼ରେ ହୁଏ ଗଣା
ବିବେକ କୁହା କାମୁ ହଟିଲେ
ହୋଇବା ବାଟ ବଣା ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*





# ଗ୍ରୀଷ୍ମ ଛୁଟି ହୋଇଗଲା



### *ନିରଞ୍ଜନ ସାହୁ*



ଖରାଦିନ ଛୁଟି ହେଲା
କେତେ ଖୁସି ଆଣି ଦେଲା
ପାଠପଢା ଚାପ କମି ଯାଇଅଛି
ବସ୍ତାନି ସାମାନ୍ୟ ମେଲା ।

ସାଙ୍ଗସାଥି ହୋଇ ମେଳ
ଏଣିକି ଚାଲିବ ଖେଳ
ମଧ୍ୟାହ୍ନ ସମୟ ଘରେ ରହିଯିବା
ଦାରୁଣ ଏ ଖରାବେଳ ।

ନଦୀରେ ଗାଧୁଆ ହେବ
ଅପାର ଆନନ୍ଦ ଦେବ
ପୋଖରୀରେ ପୁଣି ଯଦି ପହଁରିବା
ସାଙ୍ଗସାଥି ଡାକି ନେବ ।

ଆମ୍ବତୋଟା ଛାଇ ଭରା
ଆମ୍ବ ଫଳିଥିବ ପରା
ଜଗୁଆଳି ଯେବେ ନଥିବ ତୋଟାରେ
ଚାଲିବ ଖୋପଡ଼ ମରା ।

ପିଇବା କରିକି ପଣା
ଲୋଡ଼ାନାହିଁ ବୁଝାମଣା
ଯିଏ ଯେତେ ପଣା ପିଇବେ ପିଅନ୍ତୁ
ମନ କରିବାନି ଊଣା ।

ଖରାଦିନେ ଖରା ପାଗ
ଖାଇବା ପଖାଳ, ଶାଗ
ବଡ଼ିଚୁରା, ଦହି, କାକୁଡି ଖାଇବା
ଲାଗିବ ପାଟିକୁ ବାଗ ।

ମାମୁଁଘର ବୁଲିଯିବା
ତହିଁ ମଜା କରୁଥିବା
ରଜ ପରେ ବିଦ୍ୟାଳୟ ଖୋଲିଗଲେ
ସେହିଠାରୁ ବାହୁଡ଼ିବା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ବରଫି ଗଲାରୁ ମରି

### *ପ୍ରଦୀପ୍ତ କୁମାର ଦାସ*

ବରଫି ଗଲାରୁ ମରି...
ତାକୁ ଝୁରି ଝୁରି ଆମରି ଆଖିରୁ
ଲୁହ ଧାର ଯାଏ ଝରି ।
ଘର ଉଠୁଥିଲା ପୂରି...
ସିଏ ନଥିବାରୁ ଆମ ଅଗଣାରୁ
ଖୁସି ତ ଯାଇଛି ସରି ।
ଛୋଟବେଳେ ତାକୁ ଧରି...
କୋଳରେ ବସାଇ କରୁଥିଲୁ ଗେଲ
ଆମେ କେତେ ମନ ଭରି ।
ଥିଲା ସେତ ଝିଅ ପରି
ସଂଯୁକ୍ତା ମାଆର ପାଶେ ପାଶେ ରହି
ଦୁଃଖ ନେଉଥିଲା ହରି ।
ଆସିଥିଲା ମନ କରି...
ଅଳପ ଦିନର ଗଳପ ପରିକା
ପାଶୁ ଗଲା ଅପସରି ।

*କଣ୍ଟାବଣିଆ, ଛତ୍ରପଡ଼ା,*
*ପ୍ରୀତିପୁର, ଯାଜପୁର*

# ପୋଛିଦେବା ଆଖି ଲୁହ

### *ପ୍ରଶାନ୍ତ କୁମାର ଦାଶ*



ତତଲାପିଚୁ ସଡ଼କ ଦେହେ
ପକାଇ ତାର ଖୋଜ
ଝାଳରେ ଭିଜି ମୁଣ୍ଡରେ ବୋହେ
ଶୁଖିଲା ମାଟି ବୋଝ ।।

ଇଟା ଭାଟିରେ ମାଟି ଚକଟି
ଗଢଇ ଇଟା କେତେ
ନଈ ବନ୍ଧକୁ ବନ୍ଧାଇ ଦିଏ
ପକାଇ ମାଟି ଯେତେ ।।

ସଡକ ଗଢେ ସେତୁ ସେ ଗଢେ
ଗଢଇ ଛାତଘର
ବରଷା ଖରା ଝଡ ବାଆକୁ
ନଥାଏ ତାର ଡର ।।

ରାତି ପାହିବା ଆଗରୁ ଉଠି
ଅଳସ ଦେହୁ ତଡି
ଖାଇ ପଖାଳ ପିଆଜ ଖଟା
ସଡକ ଦିଏ ଗଢି ।।

ବଳଖଟାଇ ଟାଣ ମାଟିକୁ
ଗୁଣ୍ଡ ସେ କରେ ବସି
ତହିଁରେ ପୋତେ କେତେ ଯେ ମଞ୍ଜି
ଗୀତ ଗାଇକି ହସି ।।

ଝାଟି ମାଟିର ଘରେ ସୁଖର
ସଂସାର ତାର ଗଢା
ନାହିଁ ପୋଷାକ ବାବୁଙ୍କ ପରି
ନାହିଁ ତା ପାଠପଢା ।।

ଲୁହତା ସବୁ ଆଖିରୁ ପୋଛି
ଓଠରେ ଦେବା ହସ
ସେହିତ ଦିନେ ରଖିବ ଦେଶ
ରାଇଜ ଟେକ ଯଶ ।।

ଦେହରେ ତାର ରକତବଳ
ସାହସ ଯାଉ ଭରି
ସେହିତ ଆମ ଶ୍ରମିକ ଭାଇ
କିଏ ହେବ ତା ସରି ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯*



# ବିପଦ ଯିବଟି ଦୂର

### *ଶୁଭନାରାୟଣ ଶତପଥୀ*

ଖରା ଆସେ ମାଡି ମାଡି
ତାତିଯାଏ ଘରବାଡି
ଲୋକ, ପଶୁପକ୍ଷୀ ଡହଳ ବିକଳ
ବିକଳେ ଛାଡନ୍ତି ରଡି
ଗାଡି, ଏସି ମାଳମାଳ
ବଢାଏ ଅଙ୍ଗାରକାମ୍ଳ
କାରଖାନା ଧୂଆଁ ପ୍ରଦୂଷିତ କରେ
ନିଅଣ୍ଟ ହୁଅଇ ଜଳ
ଜଳ ବିନା ସୃଷ୍ଟି ନାଶ
ଜଳ ନପିଇଲେ ଶୋଷ
ଶୋଷରୁ ବଢଇ ଅଂଶୁଘାତ ଆଶା
ଛାଇ ତଳେ ଯାଇ ବସ
ପଖାଳ ଦେହକୁ ହିତ
ପିଅ ଦହି ସରବତ
ନିତି ତରଭୁଜ କାକୁଡି ଖାଇଲେ
ଆସିବନି ଅଂଶୁଘାତ
ହାତରେ ଧରିବ ଛତା
ପାଦରେ ପିନ୍ଧିବ ଜୋତା
ପାଣି ବୋତଲକୁ ପାଖରେ ରଖିଲେ
ଉତ୍ତାପରୁ ମିଳେ ରକ୍ଷା
କାଳ ବଇଶାଖୀ ଡର
ଝଡ ବର୍ଷା ପବନର
ସୂଚନାକୁ ପଢି ସତର୍କ ରହିଲେ
ବିପଦ ଯିବଟି ଦୂର ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୩୮୪୩୨୦୨୩*

# ଚୁଟିଆ ମୂଷା କରୁଛି ଗୋଳ

### *ସୁରମା ମିଶ୍ର*

ପୁଷି ମାଉସୀ ଲୋ ପୁଷି ମାଉସୀ
କାହିଁକି ଲୋ ଆଜି ବସିଛୁ ରଷି
ଭୁଆ ବିରାଡ଼ିଟା ବହୁତ ଦୁଷ୍ଟ
ଦେଇଛିକି ଲୋ ସେ ତୋ ମନେ କଷ୍ଟ ॥

ଆଣିଛନ୍ତି ବାପା ମାଛ ଭାକୁର
ବୋଉ ରାନ୍ଧି ଅଛି ଦେଇ ବେସର
ତା ସାଙ୍ଗକୁ ସରୁ ଚାଉଳ ଭାତ
ଖାଇଲେ ହେବୁ ତୁ ଭାରି ଉଷତ ॥

ଭୁଲି ଯା ଲୋ ସବୁ ଯାଆ ଲୋ ଭୁଲି
ଭୁଆ ସଙ୍ଗେ ଆଉ କରନା କଳି
ଆସିଲେ ଆଜି ସେ ଭୁଆ ବିରାଡ଼ି
ଶାସନ କରିବି ତା କାନ ମୋଡ଼ି ॥

ଭାତ ବାଢ଼ିଲାଣି ବୋଉ ଆମର
ଖାଇବା ଲୋ ମିଶି ତୋ'ର ମୋର
ତୁ ପରା ମୋର ସୁନା ମାଉସୀ
ଆଉ କେବେ ବସିବୁନି ଲୋ ରଷି ॥

ଚୁଟିଆ ମୂଷାଟା କରୁଛି ଗୋଳ
ବେଗେ ଖାଇ ଦେଇ ତାକୁ ସମ୍ଭାଳ
ସବୁ ବହି ଖାତା କାଟି ଦେଉଛି
ବାପାଙ୍କ ଠାରୁ ମୁଁ ଗାଳି ଶୁଣୁଛି ॥

*ବିଏଲ ୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*





ଅର୍ଚ୍ଚିତା ଦାଶ

# ଧ୍ରୁବ ତାରାର ଜନ୍ମ କାହାଣୀ



ପୁରାତନ ସମୟରେ ଉତ୍ତାନପାଦ ନାମକ ଜଣେ ପ୍ରସିଦ୍ଧ ରାଜା ଥିଲେ । ତାଙ୍କର ଦୁଇଜଣ ରାଣୀ ଥିଲେ- ସୁନୀତି ଏବଂ ସୁରୁଚି । ସୁନୀତିଙ୍କ ପୁଅର ନାମ ଥିଲା ଧ୍ରୁବ ଓ ସୁରୁଚିଙ୍କ ପୁଅର ନାମ ଥିଲା ଉତ୍ତମ । ରାଜା ସୁରୁଚିଙ୍କୁ ଅଧିକ ଭଲ ପାଉଥିଲେ, ତେଣୁ ତାଙ୍କ ପୁଅ ଉତ୍ତମ ସବୁବେଳେ ରାଜାଙ୍କ ସ୍ନେହ ଓ ଆଦର ପାଉଥିଲେ । ଧ୍ରୁବ ମଧ୍ୟ ଛୋଟ ଶିଶୁ ଥିଲେ ଓ ସେ ମଧ୍ୟ ନିଜ ପିତାଙ୍କ ସ୍ନେହ ଚାହୁଁଥିଲେ, କିନ୍ତୁ ସେ ସେହି ସ୍ନେହ ପାଉନଥିଲେ ।

ଦିନେ ଧ୍ରୁବ ଦେଖିଲେ ଯେ ଉତ୍ତମ ତାଙ୍କ ପିତାଙ୍କ କୋଳରେ ବସିଛନ୍ତି । ସେ ମଧ୍ୟ ପିତାଙ୍କ କୋଳରେ ବସିବାକୁ ଇଚ୍ଛା କଲେ । ଶିଶୁ ସ୍ୱଭାବର ସରଳତାରେ ସେ ପିତାଙ୍କ ପାଖକୁ ଗଲେ ଓ କୋଳରେ ବସିବାକୁ ଚେଷ୍ଟା କଲେ । କିନ୍ତୁ ସେତେବେଳେ ସୁରୁଚି ତାଙ୍କୁ କଠୋର କଥା କହି ରୋକିଦେଲେ । ସେ କହିଲେ ଯେ ତୁମେ ମୋ ଗର୍ଭରୁ ଜନ୍ମ ନେଇନାହଁ, ସେଥିପାଇଁ ତୁମେ ରାଜାଙ୍କ କୋଳରେ ବସିବାର ଅଧିକାରୀ ନୁହଁ । ଯଦି ତୁମେ ଏହି ସ୍ଥାନ ଚାହୁଁଛ, ତେବେ ଭଗବାନ ବିଷ୍ଣୁଙ୍କ ଉପାସନା କର ଓ ପରଜନ୍ମରେ ମୋର ପୁଅ ହୋଇ ଜନ୍ମ ନିଅ ।

ଏହି କଠୋର କଥା ଧ୍ରୁବଙ୍କ ମନକୁ ଗଭୀର ଭାବରେ ଆଘାତ କଲା । ସେ ଦୁଃଖିତ ହୋଇ ନିଜ ମାତା ସୁନୀତିଙ୍କ ପାଖକୁ ଗଲେ । ସୁନୀତି ତାଙ୍କୁ ସାନ୍ତ୍ୱନା ଦେଇ କହିଲେ ଯେ ଜଗତର ସବୁ ଦୁଃଖରୁ ମୁକ୍ତି ଦେଇପାରିବେ କେବଳ ଭଗବାନ ବିଷ୍ଣୁ । ସେ ଧ୍ରୁବଙ୍କୁ ଭଗବାନ ବିଷ୍ଣୁଙ୍କୁ ଭକ୍ତି କରିବାକୁ ପରାମର୍ଶ ଦେଲେ । ଏହି କଥା ଧ୍ରୁବଙ୍କ ମନରେ ଦୃଢ ସଙ୍କଳ୍ପ ଜନ୍ମାଇଲା । ସେ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରିବାକୁ ନିଷ୍ପତ୍ତି ନେଲେ । ଏହାପରେ ଧ୍ରୁବ ରାଜପ୍ରାସାଦର ସବୁ ସୁଖସୁବିଧା ଛାଡି ଜଙ୍ଗଲକୁ ଚାଲିଗଲେ । ସେଠାରେ ତାଙ୍କ ସହିତ ମହାମୁନି ନାରଦଙ୍କ ସାକ୍ଷାତ୍କାର ହେଲା । ନାରଦ ଛୋଟ ଶିଶୁର ଏତେ ଦୃଢ ସଙ୍କଳ୍ପ ଦେଖି ଆଶ୍ଚର୍ଯ୍ୟ ହେଲେ । ପ୍ରଥମେ ସେ ଧ୍ରୁବଙ୍କୁ ପରୀକ୍ଷା କରି କହିଲେ ଯେ ଏହି ପଥ ବହୁତ କଷ୍ଟକର, ତୁମେ ଘରକୁ ଫେରିଯାଅ । କିନ୍ତୁ ଧ୍ରୁବ ଦୃଢ କଣ୍ଠରେ କହିଲେ ଯେ ସେ ଭଗବାନ ବିଷ୍ଣୁଙ୍କ ଦର୍ଶନ ନ ପାଇବା ପର୍ଯ୍ୟନ୍ତ ଫେରିବେ ନାହିଁ ।

ଧ୍ରୁବଙ୍କ ଅଟଳ ସଙ୍କଳ୍ପ ଦେଖି ନାରଦ ତାଙ୍କୁ ଭଗବାନଙ୍କ ଧ୍ୟାନ କରିବାର ପଥ ଦେଖାଇଲେ । ଧ୍ରୁବ ଜଙ୍ଗଲରେ ଦୃଢ ତପସ୍ୟା ଆରମ୍ଭ କଲେ । ପ୍ରଥମେ ସେ ଫଳ ଖାଇ ବଞ୍ଚିଲେ, ପରେ ପତ୍ର ଖାଇଲେ ଓ ଶେଷରେ ଖାଦ୍ୟ ଓ ପାଣି ମଧ୍ୟ ଛାଡି ଦେଲେ । ସେ ଗଭୀର ଧ୍ୟାନରେ ଲୀନ ହୋଇ ଭଗବାନ ବିଷ୍ଣୁଙ୍କୁ ମନେ ମନେ ସ୍ମରଣ କରୁଥିଲେ । ତାଙ୍କ ତପସ୍ୟା ଏତେ ଶକ୍ତିଶାଳୀ ହୋଇଯାଇଥିଲା ଯେ ସମଗ୍ର ସୃଷ୍ଟି ତାହାର ପ୍ରଭାବ ଅନୁଭବ କରୁଥିଲା । ଶେଷରେ ଭଗବାନ ବିଷ୍ଣୁ ଧ୍ରୁବଙ୍କ ସମ୍ମୁଖରେ ପ୍ରକଟ ହେଲେ । ଭଗବାନଙ୍କ ଦିବ୍ୟ ରୂପ ଦେଖି ଧ୍ରୁବ ଅତ୍ୟନ୍ତ ଆନନ୍ଦିତ ହେଲେ । ସେ ଭକ୍ତିଭାବରେ ଭଗବାନଙ୍କୁ ପ୍ରଣାମ କଲେ । ଧ୍ରୁବଙ୍କ ଅଟଳ ଭକ୍ତି ଓ ଦୃଢ ସଙ୍କଳ୍ପରେ ପ୍ରସନ୍ନ ହୋଇ ଭଗବାନ ବିଷ୍ଣୁ ତାଙ୍କୁ ଏକ ଅଦ୍ଭୁତ ବରଦାନ ଦେଲେ ।

ଭଗବାନ କହିଲେ ଯେ ଧ୍ରୁବ ଆକାଶରେ ଏକ ଉଜ୍ଜ୍ୱଳ ତାରା ଭାବେ ସଦା ସର୍ବଦା ଜଗମଗ କରିବେ । ସେ ତାରା କେବେ ଲିଭିବ ନାହିଁ ଓ ସମସ୍ତ ତାରାମଣ୍ଡଳ ସେଥିରେ ପରିକ୍ରମା କରିବେ । ସେହି ତାରାକୁ ଧ୍ରୁବତାରା ବୋଲି କୁହାଯିବ ।

ପରେ ଧ୍ରୁବ ନିଜ ରାଜ୍ୟକୁ ଫେରିଲେ । ରାଜା ତାଙ୍କୁ ସ୍ନେହରେ ସ୍ୱାଗତ କଲେ ଓ ତାଙ୍କ ଭୁଲକୁ ବୁଝି ପଶ୍ଚାତାପ କଲେ । ଧ୍ରୁବ ପରେ ଜଣେ ନ୍ୟାୟପ୍ରିୟ ଓ ଜ୍ଞାନୀ ରାଜା ହେଲେ । କିନ୍ତୁ ତାଙ୍କର ସବୁଠାରୁ ବଡ଼ ମହତ୍ତ୍ୱ ଥିଲା ତାଙ୍କର ଅଟଳ ଭକ୍ତି ଓ ଦୃଢ ସଙ୍କଳ୍ପ ।

ଧ୍ରୁବଙ୍କ କାହାଣୀ ଆମକୁ ଶିଖାଏ ଯେ ସତ୍ୟ ଭକ୍ତି ଓ ଦୃଢ ଇଚ୍ଛାଶକ୍ତି ଥିଲେ ଜଣେ ଛୋଟ ଶିଶୁ ମଧ୍ୟ ଅସାଧାରଣ ସଫଳତା ଅର୍ଜନ କରିପାରେ । ଶୁଦ୍ଧ ମନ ଓ ଅଟଳ ଭକ୍ତି ଥିଲେ ଭଗବାନଙ୍କ କୃପା ନିଶ୍ଚୟ ମିଳେ ।

*ଜଗନ୍ନାଥବିହାର, ନୂଆଗାଁ*

# ବୈଭବଙ୍କ ଟାର୍ଗେଟରେ ପୋଲାର୍ଡ଼ଙ୍କ ବିଶ୍ୱ ରେକର୍ଡ଼



**ମୁମ୍ବାଇ**

ବୈଭବ ସୂର୍ଯ୍ୟବଂଶୀ ଆଇପିଏଲରେ ଧୂମ୍ ମଚାଉଛନ୍ତି। ପ୍ରତି ମ୍ୟାଚ୍‌ରେ ସେ ବିସ୍ଫୋଟକ ଅନ୍ଦାଜରେ ବ୍ୟାଟିଂ କରୁଛନ୍ତି। ଆରମ୍ଭରେ ତାଙ୍କର ଏହି ଷ୍ଟାଇଲ୍ ଉପରେ ପ୍ରଶ୍ନ ବି ଉଠିଥିଲା। କିନ୍ତୁ ଏବେ ସେ ନିଜକୁ ପ୍ରମାଣିତ କରିଛନ୍ତି। ବିଶ୍ୱର ପ୍ରମୁଖ ବ୍ୟକ୍ତିମାନେ ତାଙ୍କୁ ପ୍ରଶଂସା କରୁଛନ୍ତି। ବହୁତ କମ୍ ସମୟ ମଧ୍ୟରେ ସେ ଅନେକ ବଡ଼ ରେକର୍ଡ଼ ସ୍ଥାପନ କରିଛନ୍ତି ଏବଂ ଭାଙ୍ଗିଛନ୍ତି, ଏବେ ସେ ଆଉ ଏକ ବିଶ୍ୱ ରେକର୍ଡ଼ର ବହୁତ ନିକଟତର। ବୈଭବ ସୂର୍ଯ୍ୟବଂଶୀ ସେଟ୍ ହେବାକୁ ବହୁତ ସମୟ ଲାଗେ ନାହିଁ, ସେ ପ୍ରଥମ ବଲ୍‌ରୁ ତାଙ୍କର ବଡ଼ ଷ୍ଟ୍ରାଇକ୍ ପାଇଁ ଜଣାଶୁଣା। ସେ ଆଇପିଏଲ ୨୦୨୬ରେ ୪୦୦ ରନ୍ କରିସାରିଛନ୍ତି। ଯାହାକି ୩୫୦ରୁ ଅଧିକ ରନ ଛକା ଏବଂ ଚୌକାରୁ ଆସିଛି। ଚଳିତ ସିଜନରେ, ସେ ୩୪ଚୌକା ଏବଂ ୩୭ ଛକା (୩୫୮ରନ) ମାରିଛନ୍ତି, ଯେତେବେଳେ ସିଙ୍ଗଲ୍ସ ଏବଂ ଡବଲ୍ସରୁ ମାତ୍ର ୪୨ ରନ କରିଛନ୍ତି। ଏବେ ସେ ଗୋଟିଏ ଛକା ମାରି କିରନ ପୋଲାର୍ଡ଼ଙ୍କ ବିଶ୍ୱ ରେକର୍ଡ଼ ଭାଙ୍ଗି ପାରିବେ।

ବୈଭବ ସୂର୍ଯ୍ୟବଂଶୀ ଟି-୨୦ର ୨୭ ଇନିଂସରେ ୧୧୦୧ ରନ କରିଛନ୍ତି। ଯେଉଁଥିରେ ୪ ଶତକ ଏବଂ ୩ ଅର୍ଦ୍ଧଶତକ ସାମିଲ ରହିଛି। ସେ ଟି-୨୦ରେ ଏ ପର୍ଯ୍ୟନ୍ତ ୯୯ଟି ଛକା ମାରିଛନ୍ତି। ସେ ନିଜ ୧୦୦ ଟି-୨୦ ଛକା ହାସଲ କରିବା ପାଇଁ ଗୋଟିଏ ହିଟ୍ ଦୂରରେ ଅଛନ୍ତି। ସେ ଖୁବଶୀଘ୍ର ଏହି ମାଇଲଖୁଣ୍ଟରେ ପହଞ୍ଚିବେ। ବର୍ତ୍ତମାନ ଟି-୨୦ରେ ସବୁଠାରୁ ଦ୍ରୁତତମ ୧୦୦ଟି ଛକା ଲଗାଇଥିବା ବ୍ୟାଟର ହେଉଛନ୍ତି କିରନ ପୋଲାର୍ଡ଼। କିନ୍ତୁ ବୈଭବ ତାଙ୍କ ରେକର୍ଡ ଭାଙ୍ଗିବା ନିକଟରେ ଅଛନ୍ତି।

ପୋଲାର୍ଡ ଟି-୨୦ରେ ୮୪୩ ବଲରେ ୧୦୦ଛକା ମାରିବାରେ ରେକର୍ଡ଼ କରିଥିଲେ। ଯାହା ବଲର ଆଧାରରେ ସବୁଠାରୁ ଦ୍ରୁତ ଅଟେ। ବୈଭବ ୫୧୧ବଲରେ ୯୯ ଛକା ଲଗାଇ ସାରିଛନ୍ତି। ଫଳରେ ତାଙ୍କ ପାଖରେ ଏବେ ୩୦୦ରୁ ଅଧିକ ବଲ୍ ଅଛି ଏବଂ କେବଳ ଗୋଟିଏ ଛକା ମାରିବାରେ ଅଛି। ଏହି ରେକର୍ଡ଼ ଭାଙ୍ଗିବା ନିଶ୍ଚିତ। ଏବେ ଦେଖିବାକୁ ହେବ କି ପୋଲାର୍ଡ଼ଙ୍କ ଏହି ବିଶ୍ୱ ରେକର୍ଡ଼ କେଉଁମ୍ୟାଚରେ ଭାଙ୍ଗୁଛି। ରାଜସ୍ଥାନର ଆଗାମୀ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସ ସହ ୧ ମଇରେ ଅଛି।

# ତୃତୀୟ ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଏବଂ କ୍ରସ୍ କଣ୍ଟ୍ରି ଚାମ୍ପିୟନସିପ୍ ଉଦ୍‌ଯାପିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**



ସମ୍ବଲପୁର ପୋଲିସ ପକ୍ଷରୁ ଆୟୋଜିତ ତୃତିୟ ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଏବଂ କ୍ରସ୍ କଣ୍ଟ୍ରି ଚାମ୍ପିୟନସିପ୍-୨୦୨୬ ବୁଧବାର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କ ଉଚ୍ଚକୋଟୀର କ୍ରୀଡ଼ା ନୈପୁଣ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ କ୍ରୀଡ଼ାବିତଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ।

ମୁଖ୍ୟ ଅତିଥି ଶ୍ରୀ ଖୁରାନିଆ ନିଜ ଅଭିଭାଷଣରେ କହିଥିଲେ ଯେ, ପୋଲିସ ବାହିନୀରେ କ୍ରୀଡ଼ା କେବଳ ଶାରୀରିକ ଦକ୍ଷତା ବଢ଼ାଏ ନାହିଁ, ବରଂ ଦୈନନ୍ଦିନ କର୍ତ୍ତବ୍ୟ ସମ୍ପାଦନରେ ଶୃଙ୍ଖଳା ଓ ସାହସର ମୂଳଦୁଆ ପକାଇଥାଏ। ପୋଲିସ ବାହିନୀରେ କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଏହା ଶୃଙ୍ଖଳା, ସାହସ ଏବଂ ସମାଜ ସେବା କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିବାର ମୂଳଦୁଆ। ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

ନିକଟରେ ଉତ୍ତରାଖଣ୍ଡର ଡେହେରିଠାରେ ଅନୁଷ୍ଠିତ ୨୫ତମ ସର୍ବଭାରତୀୟ ପୋଲିସ ୱାଟର ସ୍ପୋର୍ଟସ କ୍ଲଷ୍ଟରରେ ୯ଟି ପଦକ ଏବଂ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ାରେ ୨୦ଟି ପଦକ ଜିତି ଆମର କ୍ରୀଡ଼ାବିତ୍‌ମାନେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଅନ୍ୟ ଖେଳାଳିମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ସୁଚାରୁରୂପେ ପରିଚାଳନା କରିଥିବାରୁ ସମ୍ବଲପୁର ପୋଲିସ ଓ ଆୟୋଜକ ମଣ୍ଡଳୀକୁ ଡିଜିପି ସାଧୁବାଦ ଜଣାଇଥିଲେ।

ଏହି ପ୍ରତିଯୋଗିତାରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବାଟାଲିୟନରୁ ୧୪୧ ଜଣ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫଳାଫଳ ଅନୁଯାୟୀ, କ୍ରସ୍ କଣ୍ଟ୍ରି ଚାମ୍ପିୟନସିପ୍‌ରେ ୮ମ ଏସ.ଆଇ.ଆର ବାଟାଲିୟନ, ଭଞ୍ଜନଗର ଚାମ୍ପିୟନ ହୋଇଥିବା ବେଳେ କୋରାପୁଟ ଜିଲ୍ଲା ଦ୍ୱିତୀୟ ଏବଂ ୫ମ ବାଟାଲିୟନ, ବାରିପଦା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସନ୍ତରଣ ଚାମ୍ପିୟନସିପ୍‌ରେ ସମ୍ବଲପୁର ଦଳ ଶୀର୍ଷ ସ୍ଥାନ ବଜାୟ ରଖି ଚାମ୍ପିୟନ ହୋଇଥିବା ବେଳେ ଓ.ଆଇ.ଏସ.ଏଫ, ଭୁବନେଶ୍ୱର ରନର୍ସଅପ୍ ଏବଂ ଓଏସଏପି ୬ଷ୍ଠ ବାଟାଲିୟନ, କଟକ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ଏହି ପ୍ରତିଯୋଗିତାରେ ଅନ୍ୟତମ ପ୍ରଧାନ ଆକର୍ଷଣ ସାଜିଥିଲେ କନଷ୍ଟେବଲ ଅଶୋକ ଦଣ୍ଡସେନା, ଯିଏ କ୍ରସ୍ କଣ୍ଟ୍ରି ବିଭାଗରେ ମାତ୍ର ୩୦ ମିନିଟ୍ ୪୪ ସେକେଣ୍ଡରେ ନିର୍ଦ୍ଧାରିତ ଦୂରତା ଅତିକ୍ରମ କରି ଏକ ନୂତନ 'ମିଟ୍ ରେକର୍ଡ' ସୃଷ୍ଟି କରିଛନ୍ତି।

ଉକ୍ତ ସମାରୋହରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଡିଆଇଜି (ସିଆରପିଏଫ), ଦାଲିପ ସିଂ, ଡିଆଇଜି (ସିଆରପିଏଫ) ସଞ୍ଜୟ କୁମାର ସିଂ, ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ ରାୟ,ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ରେହାନ ଖେତ୍ରୀ, ଝାରସୁଗୁଡା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଓସିଏ ୧୬ ବର୍ଷରୁ କମ୍ କ୍ରିକେଟ

# ଫାଇନାଲରେ ଖୋର୍ଦ୍ଧା ଜିଲ୍ଲା ଦଳ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଡ୍ରିମ୍ସ ଭୁବନେଶ୍ୱର ଖେଳପଡ଼ିଆରେ ଚାଲିଥିବା ସେମିଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଜିଲ୍ଲା ଦଳ କଟକ ଏ ଦଳକୁ ୧ ୱିକେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ କଟକ ଏ' ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୬.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୩ ରନ୍ କରିଥିଲେ। ଦଳ ତରଫରୁ ପ୍ରିୟାଂଶୁ ସାମଲ ସର୍ବାଧିକ ୬୩ ରନ୍ ଓ ଶୁଭମ୍ ସାମଲ ୨୧ ରନ୍ କରିଥିଲେ। ଖୋର୍ଦ୍ଧା ଦଳ ପକ୍ଷରୁ ଓମ୍ ବେହେରା ୧୦ ଓଭର ରେ ୧୬ ରନ୍ ବ୍ୟୟ କରି ୩ଟି ୱିକେଟ୍ ଏବଂ ଅମ୍ରିତ ସୁଜନ ଓ ଓମ୍ ସାହୁ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଜବାବରେ ଖୋର୍ଦ୍ଧା ଦଳ ଶୁଭ୍ରାଂଶୁ ଭୋଇଙ୍କ ଅପରାଜିତ ୪୪ ରନ୍, ଓମ୍ ସାହୁଙ୍କ ୪୧ ରନ୍ ଓ ଅର୍ଣ୍ଣବ୍ ରାୟଙ୍କ ୨୫ ରନ୍ ସହାୟତାରେ ୪୬.୧ ଓଭରରେ ୯ ୱିକେଟ୍ ହରାଇ ଆବଶ୍ୟକ ୧୮୪ ରନ୍ ସଂଗ୍ରହ କରି ରୋମାଞ୍ଚକ ୧ ୱିକେଟ୍‌ରେ ବିଜୟୀ ହୋଇଥିଲେ। ଆସନ୍ତା ମେ' ୧ ତାରିଖରେ ଫାଇନାଲ ମ୍ୟାଚ୍ ଖୋର୍ଦ୍ଧା ସହ ଭୁବନେଶ୍ୱର ଏ ଦଳ ସହ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ଖୋର୍ଦ୍ଧା ଦଳ ୫ଟି ଲିଗ୍ ଓ କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ଅପରାଜୟ ରହି ଫାଇନାଲରେ ପ୍ରବେଶ କରିଛି।

ଖୋର୍ଦ୍ଧା ଦଳର ରୋମାଞ୍ଚକର ବିଜୟରେ କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲାର କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏହି ବିଜୟ ଦ୍ୱାରା ଖୋର୍ଦ୍ଧାର ଯୁବ ଖେଳାଳିମାନେ ବହୁ ସଂଖ୍ୟାରେ କ୍ରିକେଟ୍ ଖେଳିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ଜିଲ୍ଲା ସଭାପତି ତଥା ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ କହିଛନ୍ତି। ଖୋର୍ଦ୍ଧା ଦଳ ଫାଇନାଲରେ ବିଜୟୀ ହୋଇ ଇତିହାସ ରଚିବ ବୋଲି ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ କମ୍ ବୟସରେ ଡେବ୍ୟୁ କରିଥିବା ୫ ଖେଳାଳି

**ମୁମ୍ବାଇ**



ବୈଭବ ସୂର୍ଯ୍ୟବଂଶୀ ନିଜ ଦମଦାର୍ ବ୍ୟାଟିଂରେ ପୂରା ବିଶ୍ୱକୁ ଚକିତ କରିଛନ୍ତି। ଆଇପିଏଲ୍ ୨୦୨୬ରେ ଏବେ ପର୍ଯ୍ୟନ୍ତ ୮ ମ୍ୟାଚ୍‌ରେ ୩୫୭ ରନ୍ କରି ସାରିଛନ୍ତି। ଯେଉଁଥିରେ ଏକ ଶତକ ବି ଆସିଛି। ୧୫ବର୍ଷୀୟ ବୈଭବଙ୍କୁ ଭାରତର ବରିଷ୍ଠ କ୍ରିକେଟର ଟିମ୍‌ରେ ସୁଯୋଗ ଦେବା ଲାଗି କଳ୍ପନା ଜଳ୍ପନା ଜାରି ରହିଛି। ଯଦି ବୈଭବ ଏହିଭଳି ଫର୍ମ ରଖିବେ ତେବେ ସେହି ସମୟ ବେଶୀ ଦୂର ନୁହେଁ ଯେତେବେଳେ ୧୫ ବର୍ଷୀୟ ଏହି ଖେଳାଳି ଟିମ୍ ଇଣ୍ଡିଆ ଲାଗି ଡେବ୍ୟୁ କରୁଥିବା ଦେଖାଯିବେ।

ପାକିସ୍ତାନର ହସନ ରଜାଙ୍କ ନାମରେ ସବୁଠାରୁ କମ ବୟସରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିବାର ରେକର୍ଡ ରହିଛି। ଅଫ୍-ସ୍ପିନର ହସନ ୧୪ ବର୍ଷ ୨୨୭ ଦିନ ବୟସରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ୧୯୯୬ ମସିହାରେ ଜିମ୍ବାୱେ ବିପକ୍ଷରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ। ଦ୍ୱିତୀୟ ସ୍ଥାନରେ ବାଂଲାଦେଶର ମହମ୍ମଦ ସରିଫ ଅଛନ୍ତି, ସେ ୧୫ ବର୍ଷ ୧୧୬ ଦିନ ବୟସରେ ଜିମ୍ବାୱେ ବିପକ୍ଷରେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

ତାଲିକାରେ ଥିବା ଆଉ ଜଣେ ପାକିସ୍ତାନୀ ଖେଳାଳି ମହମ୍ମଦ ମୁସ୍ତାକ ୧୯୫୯ ମସିହାରେ ୧୫ ବର୍ଷ ୧୨୪ ଦିନ ବୟସରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ଭାରତୀୟ ଭାବରେ ସବୁଠାରୁ କମ୍ ବୟସରେ ଅନ୍ତର୍ଜାତୀୟ ଡେବ୍ୟୁ କରିବାର ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ଅଛି। ସେ ୧୬ ବର୍ଷ ୨୦୫ ଦିନ ବୟସରେ ପ୍ରଥମ ମ୍ୟାଚ୍ ଖେଳିଥିଲେ।

୧୪ ବର୍ଷ ୨୨୭ ଦିନ – ହସନ ରାଜା – ପାକିସ୍ତାନ, ୧୫ ବର୍ଷ ୧୧୬ ଦିନ – ମହମ୍ମଦ ସରିଫ – ବାଂଲାଦେଶ, ୧୫ ବର୍ଷ ୧୨୪ ଦିନ – ମହମ୍ମଦ ମୁସ୍ତାକ – ପାକିସ୍ତାନ, ୧୬ ବର୍ଷ ୧୨୭ ଦିନ – ଆକିବ ଜାଭେଦ୍ – ପାକିସ୍ତାନ, ୧୬ ବର୍ଷ ୨୦୫ ଦିନ – ସଚିନ ତେନ୍ଦୁଲକର – ଭାରତ।

କିଛି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ୨୦୨୬ ଶେଷ ହେବା ପରେ ଜୁନ୍ ମାସରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଆୟର୍ଲାଣ୍ଡ ଗସ୍ତ କରିବାର ସୁଯୋଗ ମିଳିପାରେ। ଭାରତ ଏବଂ ଆୟର୍ଲାଣ୍ଡ ମଧ୍ୟରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳାଯିବ। ସେତେବେଳ ପର୍ଯ୍ୟନ୍ତ ବୈଭବ ୧୫ ବର୍ଷ ୧୦୦ ଦିନର ମଧ୍ୟ ହୋଇ ନ ଥିବେ। ଯଦି ବୈଭବ ସୂର୍ଯ୍ୟବଂଶୀ ଆୟର୍ଲାଣ୍ଡ ଗସ୍ତରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରନ୍ତି, ତେବେ ସେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିବା ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଏବଂ ଭାରତ ପାଇଁ ଖେଳିଥିବା ସର୍ବକନିଷ୍ଠ ଖେଳାଳି ହୋଇପାରିବେ।

# ପାଠପଢ଼ା ସହ କ୍ରୀଡ଼ାରେ ଆଗଉଛି ଭଞ୍ଜନଗର

## କେ.ଭି.ବାଳିକା ଭଲିବଲ ଟିମ୍ ଚାମ୍ପିୟନ, ବାଳକ ରନର୍ସଅପ୍



**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ଗତ ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଆଞ୍ଚଳିକ ସ୍ତରୀୟ ୫୫ ତମ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ବେଶ୍ ସଫଳତା ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଟିମ୍ ରନର୍ସଅପ୍ ହୋଇଛନ୍ତି, ଯାହାକି ବିଦ୍ୟାଳୟ ପାଇଁ ଖୁସିଖବର। ଏହି ଖବର ଭଞ୍ଜନଗରରେ ପହଞ୍ଚିବା ପରେ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନ୍ୟ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିଛନ୍ତି। ଅଧକ୍ଷ ପ୍ରଦୀପ କମାନୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ସମସ୍ତ ୨୮ ଜଣ ଛାତ୍ରୀଛାତ୍ର ଏବଂ ଟିମ୍‌ରେ ଯାଇଥିବା କ୍ରୀଡ଼ା ଶିକ୍ଷକ ମଞ୍ଜିତ, ଗ୍ରନ୍ଥାଗାର ସୁମନ କୁମାରୀ, ଶିକ୍ଷକ ରାଜେଶ ପାହାଡ଼ିଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି। ଏଥିସହ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ୩ ଜଣ ଛାତ୍ରୀ ଚୟନ ହୋଇଥିବା ବେଳେ ସେମାନଙ୍କର ମଧ୍ୟ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ମନୋନୀତ ୩ ଛାତ୍ରୀ ହେଲେ ବିଦ୍ୟାଶା ପ୍ରିୟଦର୍ଶିନୀ (ଶ୍ରେଣୀ ଦଶମ), ସ୍ମାଇଲ ଦାଶ (ଶ୍ରେଣୀ ନବମ) ଓ ସିଗ୍ମା ରାଣୀ ପ୍ରଧାନ (ଶ୍ରେଣୀ ନବମ)। ସୂଚନାଯୋଗ୍ୟ, ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି କରୁଛି। ଦୀର୍ଘ ୧୬ ବର୍ଷ ପରେ ଏଠାରେ ଚଳିତ ବର୍ଷଠାରୁ ଯୁକ୍ତ ୨ ବିଜ୍ଞାନ ଖୋଲିଛି। ସ୍ଥାୟୀ କୋଠା ପାଇଁ ଅର୍ଥ ମଧ୍ୟ ମଞ୍ଜୁର ହୋଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ମଧ୍ୟ ଶତ ପ୍ରତିଶତ ଛାତ୍ରୀଛାତ୍ର ପାସ୍ ହେବା ସହ ଅଧିକାଂଶ ଛାତ୍ରୀଛାତ୍ର ଭଲ ମାର୍କ ରଖିଛନ୍ତି। ଏହିଭଳି ପରିସ୍ଥିତିରେ ବୁଧବାର କ୍ରୀଡ଼ା କ୍ଷେତ୍ରରେ ବିଦ୍ୟାଳୟ ଆଉ ପାଦେ ଆଗକୁ ବଢ଼ିଛି। ବିଦ୍ୟାଳୟ ଅଧକ୍ଷ ପ୍ରଦୀପ କମାନୁଙ୍କ ପ୍ରଚେଷ୍ଟା ଏବଂ ଉପଜିଲାପାଳ ତଥା ବିଦ୍ୟାଳୟ ଚେୟାରମ୍ୟାନ ଉମାଶଙ୍କର ବେହେରା, ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହଯୋଗରେ ବିଦ୍ୟାଳୟର ଉନ୍ନତି ହୋଇଚାଲିଛି।

# ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଇଂଲଣ୍ଡ ଦଳ ଘୋଷିତ

**ଲଣ୍ଡନ**



ଆଗାମୀ ଜୁନ୍ ୧୨ ତାରିଖରୁ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆରମ୍ଭ ହେବ। ଆୟୋଜକ ଇଂଲଣ୍ଡ ପ୍ରଥମ ଦଳ ଭାବେ ୧୫ଜଣିଆ ଦଳ ଘୋଷଣା କରିଛି। ଯୁବା ବାମ ହାତି ସ୍ପିନର ଟିଲି କୋର୍ଟିନ-କୋଲମାନଙ୍କୁ ଦଳରେ ସୁଯୋଗ ମିଳିଛି। ସେ ଏଥର ବିଶ୍ୱକପ୍‌ରେ ପଦାର୍ପଣ କରିବେ। ପେସ୍ ବୋଲର ଇସି ୱଙ୍ଗ୍ ଓ ଲାଉରେନ ଫିଲର ମଧ୍ୟ ପ୍ରଥମ କରି ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଅଭିଜ୍ଞ ବ୍ୟାଟର ଡାନି ୱ୍ୟାଟ୍-ହଜ ସ୍ଥାନ ବଜାୟ ରଖିଥିବାବେଳେ ଲେଗ୍ ସ୍ପିନର ସାରା ଗ୍ଲେନ ବାଦ୍ ପଡ଼ିଛନ୍ତି। ଅଲରାଉଣ୍ଡର ନାଟାଲି ସ୍କିଭର-ବ୍ରଣ୍ଟ ଦଳର ନେତୃତ୍ୱ ନେବେ। ଇଂଲଣ୍ଡ ଗ୍ରୁପ୍-୨ରେ ଡିଫେଣ୍ଡିଂ ଚାମ୍ପିଅନ୍ ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ସହ ସ୍ଥାନ ପାଇଛି। ଜୁନ୍ ୧୨ ତାରିଖରେ ଦଳ ଶ୍ରୀଲଙ୍କା ବିପକ୍ଷରେ ଅଭିଯାନ ଆରମ୍ଭ କରିବ।

ଇଂଲଣ୍ଡ ଦଳ : ନାଟାଲି ସ୍କିଭର-ବ୍ରଣ୍ଟ (ଅଧିନାୟିକା), ସୋଫିଆ ଡଙ୍କଲି, ଆମି ଜୋନ୍ସ, ଲାଉରେନ ବେଲ, ସୋଫି ଏକ୍କେଷ୍ଟୋନ, ଫ୍ରେୟା କେମ୍ପ, ଆଲିସ୍ କ୍ୟାପସୀ, ଲାଉରେନ ଫିଲର, ହିଦର ନାଇଟ୍, କିରା ଚାଥଲି, ମାହିକା ଗୌର, ଏମ୍ମା ଲାମ୍ବ, ଟିଲି କୋର୍ଟିନ-କୋଲମାନ, ଡାନି ଗିବସନ, ଲିନ୍ସୀ ସ୍ମିଥ୍, ଚାର୍ଲି ଡିନ, ଜୋଡି ଗ୍ରୁକକ୍, ଇସି ୱଙ୍ଗ।

# କଠୋର ନିୟମ ଏବଂ ଖେଳର ଦ୍ରୁତ ଗତି ପାଇଁ ଆହ୍ୱାନ ଦେଲେ ସୁନୀଲ ଗାଭାସ୍କର

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କିମ୍ବଦନ୍ତୀ ଖେଳାଳି ସୁନୀଲ ଗାଭାସ୍କର ଆଇପିଏଲ ୨୦୨୬ ସିଜିନରେ ମ୍ୟାଚ୍‌ର ଅବଧି ବୃଦ୍ଧି ସମ୍ପର୍କରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପଡ଼ିଆରେ ଅନାବଶ୍ୟକ କର୍ମଚାରୀଙ୍କ ପ୍ରବେଶ ଏବଂ ବାରମ୍ବାର ବାଧା ଯୋଗୁ ମ୍ୟାଚ୍‌ଗୁଡ଼ିକ ଲମ୍ବା ହେଉଛି, ଯାହା ପ୍ରଶଂସକଙ୍କ ଧୈର୍ଯ୍ୟ ପରୀକ୍ଷା କରିବା ଆରମ୍ଭ କରିଛି।

ବିସିସିଆଇ ସ୍ଲୋ ଓଭର-ରେଟ୍ ପାଇଁ ଜରିମାନା ଲାଗୁ କରିଛି; ତଥାପି, ବିଳମ୍ବର ସମସ୍ୟା ଜାରି ରହିଛି। ଗାଭାସ୍କର ବିଶ୍ୱାସ କରନ୍ତି ଯେ ମ୍ୟାଚ୍‌ଗୁଡ଼ିକର ମନ୍ଥର ଗତିର ଏକ ପ୍ରମୁଖ କାରଣ ହେଉଛି ପଡ଼ିଆ ଭିତରେ ଏବଂ ବାହାରେ ଲୋକଙ୍କ ଅତ୍ୟଧିକ ଗତିବିଧି। ପ୍ରକୃତରେ, ଗାଭାସ୍କର ଦର୍ଶାଇଛନ୍ତି ଯେ ରିଜର୍ଭ ଖେଳାଳି ଏବଂ ସପୋର୍ଟ ଷ୍ଟାଫ ପ୍ରାୟତଃ ସାମାନ୍ୟ କଥା ପାଇଁ ପଡ଼ିଆରେ ପ୍ରବେଶ କରନ୍ତି – ଯେପରିକି ସୀମାରେ ନିୟୋଜିତ ଖେଳାଳିଙ୍କୁ ପାଣି ବୋତଲ ଦେବା।

'ପ୍ରାୟତଃ ଦେଖାଯାଏ ଯେ ରିଜର୍ଭ ଖେଳାଳିମାନେ ସୀମା ନିକଟରେ ଠିଆ ହୋଇଥିବା ଫିଲ୍ଡରଙ୍କୁ ପାଣି ବୋତଲ ଦେବା ପାଇଁ ପଡ଼ିଆକୁ ପ୍ରବେଶ କରନ୍ତି। ଏହାକୁ ଅନୁମତି ଦିଆଯିବା ଉଚିତ ନୁହେଁ କାରଣ ଖେଳ ସମୟରେ ଯଦିଓ ଏହା ଦୁଇଟି ଡେଲିଭରି ମଧ୍ୟରେ ହୋଇଥାଏ, ଏହା ବୁଝାଏ ଯେ ପଡ଼ିଆରେ ୧୧ରୁ ଅଧିକ ଖେଳାଳି ଅଛନ୍ତି। ଷ୍ଟ୍ରାଟେଜିକ ଟାଇମ-ଆଉଟ ସମୟରେ ମଧ୍ୟ, ପ୍ରାୟ ଛଅ ଜଣ ବ୍ୟକ୍ତି ପଡ଼ିଆକୁ ପ୍ରବେଶ କରନ୍ତି, ଯେଉଁଥିରେ ବ୍ୟାଟ୍ସମ୍ୟାନ ମଧ୍ୟ ଅଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ବ୍ୟାଟିଂ କରିବାକୁ ଆସି ନାହାନ୍ତି। ଏହା ଅତ୍ୟଧିକ ନମ୍ରତା ଦର୍ଶାଏ। ଦୁଇଜଣ ରିଜର୍ଭ ଖେଳାଳି ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କ ବ୍ୟତୀତ, ଅନ୍ୟ କାହାକୁ ପଡ଼ିଆକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ।'

ଗାଭାସ୍କର ପଡ଼ିଆରେ ସମ୍ମାନ ଏବଂ ଶୃଙ୍ଖଳା ବଜାୟ ରଖିବାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ରିଚି ବେନୋଙ୍କ ପରାମର୍ଶକୁ ମନେ ପକାଇ ସେ କହିଛନ୍ତି: 'ରିଚି ବେନୋଡ ମୋର ପ୍ରସାରଣ କ୍ୟାରିୟରର ଆରମ୍ଭରେ ମୋତେ କହିଥିଲେ ଯେ ପଡ଼ିଆ ଏକ ପବିତ୍ର ସ୍ଥାନ ଏବଂ କେବଳ ଅମ୍ପାୟାର ଏବଂ ଖେଳୁଥିବା କ୍ରିକେଟରମାନେ ଏଥିରେ ପାଦ ରଖିବାକୁ ଅନୁମତି ପାଇଛନ୍ତି। ଏହି କାରଣରୁ, ଯଦି ମୁଁ ପିଚ୍ ରିପୋର୍ଟ ପରିଚାଳନା କରୁନଥାନ୍ତି କିମ୍ବା ଟିଭି ଶୋ ହୋଷ୍ଟ କରୁନଥାନ୍ତି, ତେବେ ମୁଁ କେବେ ପଡ଼ିଆକୁ ପାଦ ଦେଇନଥାନ୍ତି। ମୁଁ ଆଶା କରୁଛି ଯେ ବିସିସିଆଇ ଏହା ମଧ୍ୟ ସୁନିଶ୍ଚିତ କରିବ ଯେ କମିଟି ସଦସ୍ୟମାନେ – ଯେଉଁମାନେ ସାଧାରଣତଃ ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ ପାଇଁ ପାସ ଧାରଣ କରନ୍ତି – ସୀମା ରେଖା ପାର ନ କରନ୍ତି। ଆସନ୍ତୁ ଆମେ ଖେଳ ପଡ଼ିଆର ପବିତ୍ରତାକୁ ବଜାୟ ରଖିବା। ଏହା ବ୍ୟତୀତ, ସମସ୍ତ ବ୍ୟାଟସମ୍ୟାନ ଡଗ ଆଉଟରେ ଉପସ୍ଥିତ ଥିବାରୁ, ନିର୍ଦ୍ଧାରିତ ଦୁଇ ମିନିଟ ବ୍ୟବଧାନକୁ ଗୋଟିଏ ମିନିଟ ପର୍ଯ୍ୟନ୍ତ ହ୍ରାସ କରାଯାଇପାରିବ।' ଯଦି ବ୍ୟାଟ୍‌ସମ୍ୟାନ ଏପର୍ଯ୍ୟନ୍ତ ବୋଲରଙ୍କ ସାମ୍ନା କରିବାକୁ ପ୍ରସ୍ତୁତ ନୁହଁନ୍ତି, ତେବେ ଦୁଇଟି ଚେତାବନୀ ପରେ ପେନାଲ୍ଟି ରନ ଲାଗୁ କରାଯିବା ଉଚିତ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଶାନ୍ତି ଆଶ୍ରମ, ତିହିଡ଼ି, ଭଦ୍ରକ ଠାରେ ମହିଳାମାନଙ୍କ ପାଇଁ ଥିବା ଯୌନ ଉତ୍ପୀଡ଼ନ ଆଇନ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଥିବା ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି ତଥା ଆଶ୍ରମର ସମସ୍ତ ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟାଇକୋଣ୍ଡୋ ଆସୋସିଏସନ ଅଫ ଓଡ଼ିଶା (ଟାଓ)ର ସାଧାରଣ କାର୍ଯ୍ୟକାରଣୀ ବୈଠକ ଓ ଶପଥ ପାଠ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଟାଇକୋଣ୍ଡୋ ଆସୋସିଏସନ ଅଫ ଓଡ଼ିଶା (ଟାଓ)ରାଜ୍ୟ ସଙ୍ଘର କାର୍ଯ୍ୟକାରିଣୀ ସାଧାରଣ ପରିଷଦ ବୈଠକ ଚରମ୍ପାସ୍ଥିତ ମେଘା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇ ଯାଇଛି। ଗତ ୧୯ତାରିଖ ଦିନ ହୋଇଥିବା ସାଧାରଣ ପରିଷଦ ବୈଠକରେ ନିର୍ବାଚନ ଅଧିକାରୀ ଅଧିବକ୍ତା ରୋହିତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ହୋଇ ନିର୍ବାଚନରେ ନିର୍ବାଚିତ ସଦସ୍ୟ ମାନଙ୍କୁ ରବିବାର ସମ୍ବର୍ଦ୍ଧନା ସହ ଶପଥ ପାଠ କରାଯାଇଥିଲା। ସଭାପତି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସର ପୂର୍ବତନ ସଭାପତି ଧିରେନ ପଲାଇ, କାର୍ଯ୍ୟକାରୀ ସଭାପତି ଭାବେ ଅଧିବକ୍ତା ଜତିକାନ୍ତ ନାୟକ, ଉପ ସଭାପତି ଭାବେ ରମେଶ କୁମାର ପ୍ରଧାନ, ରମେଶ କୁମାର ଜେନା, ସାଧାରଣ ସମ୍ପାଦକ ଭାବେ ରବି ନାରାୟଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ଯୋଗେଶ୍ୱର ମହନ୍ତ, କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଧିବକ୍ତା ପବନ ଶର୍ମା, ଡ. ତରୁଣ କୁମାର ବେହେରା, ରବି ନାରାୟଣ ଓଝା, ସୁଧାକର ଜେନା, ରାଜେଶ ବିଶ୍ୱାଳ, ବିଶାଲ ଲଖାନୀ, ଅଜୟ କୁମାର ଧଳ, ଆଦ୍ୟାଶା ଦାସ ଶପଥ ପାଠ କରିଥିଲେ। ଶେଷରେ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବିପତ୍ର ପ୍ରଦାନ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**




ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନସନ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ସମ୍ପ୍ରସାରଣ,ବ୍ୟାପକ ଅଧି ସ୍ୱୀକୃତି ପ୍ରଦାନ, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ଓ ମୃତ୍ୟୁ ଅନୁକମ୍ପା ରାଶି ଦଶ ଲକ୍ଷ ଟଙ୍କା ବୃଦ୍ଧି ଦାବିରେ ବୁଧବାର ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶାର ସଭାପତି ବିଭୁତି ଭୂଷଣ କରଙ୍କ ଆହ୍ୱାନରେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଚାଳିଶିରୁ ଊର୍ଦ୍ଧ୍ୱ ସାମ୍ବାଦିକ ଏକାଠି ହୋଇ ନାରାବାଜି କରି ଏକ ଶୋଭାଯାତ୍ରାରେ ଆସି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି କାର୍ଯ୍ୟରତ ସାମ୍ବାଦିକମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅପେକ୍ଷାକୃତ ଦୁର୍ବଳ। ଦେଶର ସଂଖ୍ୟାଧିକ ରାଜ୍ୟ, ସେ ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ ରହିଛି। ଦେଶର ୨୦ରୁ ଅଧିକ ରାଜ୍ୟରେ ସାମ୍ବାଦିକମାନଙ୍କୁ ୧୦,୦୦୦ରୁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ପେନସନ, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମ୍ବାଦିକ ସୁରକ୍ଷା ଆଇନ ମାଧ୍ୟମରେ ବୃତ୍ତିଗତ ଅଭୟତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି।

ମାତ୍ର ଓଡ଼ିଶା ସରକାର ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକ ମୌଳିକ ସୁବିଧାରୁ ସାମ୍ବାଦିକବର୍ଗଙ୍କୁ ବଞ୍ଚିତ କରାଯାଇଛି। ଏହା ଦର୍ଶାଉଛି ଯେ, ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଦାବି ପ୍ରତି ଆବଶ୍ୟକୀୟ ସମ୍ବେଦନଶୀଳତା ପ୍ରଦର୍ଶନ କରୁନାହାନ୍ତି। ଏହି ସନ୍ଦର୍ଭରେ ପୂର୍ବ ସରକାର ସମୟରେ "ଉତ୍କଳ ସାମ୍ବାଦିକ ସଂଘ" ପକ୍ଷରୁ ନିରନ୍ତର ଧାରଣା, ପ୍ରତିବାଦ ଓ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏମିତିକି ୨୦୨୪ ମସିହା ଫେବୃୟାରୀ ମାସରେ ବିଧାନସଭା ସମ୍ମୁଖରେ ତତ୍କାଳୀନ ସରକାର ବିରୋଧରେ ଏକ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ ତତ୍କାଳୀନ ବିରୋଧୀ ଦଳର ମୁଖ୍ୟ ଛାଟିଆ ଭାବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ପାଞ୍ଚଜଣ ସହଯୋଗୀ ବିଧାୟକଙ୍କ ସହ ବିକ୍ଷୋଭସ୍ଥଳରେ ପହଞ୍ଚି ସମବେତ ତିନି ହଜାରରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ଉଦ୍‌ବୋଧନ ମାଧ୍ୟମରେ ଆଶ୍ୱାସନା ଦେଇଥିଲେ– "ସରକାରକୁ ଆସିଲେ ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟ ଦାବିକୁ ଛଅମାସ ମଧ୍ୟରେ ପୂରଣ କରଯିବ"। ମୁଖ୍ୟମନ୍ତ୍ରୀ ଭାବେ ଗାଦିସୀନ ହେବା ପରେ ସାମ୍ବାଦିକଙ୍କ ମୌଳିକ ଦାବି ପୂରଣ ନେଇ ଆମ୍ଭମାନଙ୍କ ମଧ୍ୟରେ ବିପୁଳ ଆଶା ସଞ୍ଚାର ହୋଇଥିଲା ମାତ୍ର ଦୁଃଖର ସହ ବ୍ୟକ୍ତ କରିବାକୁ ପଡୁଛି କି, ଏହି ସରକାର ପ୍ରାୟ ଦୁଇବର୍ଷ ପୂର୍ଣ୍ଣ କରିବାକୁ ଯାଉଥିବା ବେଳେ ସାମ୍ବାଦିକମାନଙ୍କ ଦୀର୍ଘଦିନର ମୁଖ୍ୟ ଦାବିଗୁଡ଼ିକ ଉପରେ ଆବଶ୍ୟକ ପଦକ୍ଷେପ ନିଆଯାଇ ନାହିଁ ଓ ବିଗତ ବିଧାନସଭାରେ ସରକାରଙ୍କ ନିରାଶାସୂଚକ ଉତ୍ତର ସାମ୍ବାଦିକମାନଙ୍କ ମଧ୍ୟରେ ଘୋର ନୈରାଶ୍ୟତା ସୃଷ୍ଟି କରିଛି। ଉପରୋକ୍ତ ଦାବିଗୁଡିକୁ ବିଚାରକୁ ନେଇ ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ସାମ୍ବାଦିକମାନଙ୍କୁ ସୁରକ୍ଷା ପ୍ରଦାନ ସହ ଅନ୍ୟ ଦାବିଗୁଡ଼ିକୁ ପୂରଣ କରିବାକୁ ଦାବି ଜୋର ଧରିଛି। ଆଗାମୀ ମେ' ଏକ ତାରିଖ ଦିନ ଜିଲ୍ଲା ସମସ୍ତ ସାମ୍ବାଦିକ କଳା ବ୍ୟାଚ ପରିଧାନ କରିବେ ବୋଲି ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଖାଡ଼ଙ୍ଗା ସୂଚନା ଦେଇଛନ୍ତି।

ଏହି କାର୍ଯ୍ୟକ୍ରମ ରେ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପାଇକରାୟ, ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଦିଲ୍ଲୀପ କୁମାର ପାଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଉମା ଶଙ୍କର ପ୍ରସାଦ, ଈଶ୍ୱର ମଙ୍ଗରାଜ, ସଂଘ କୋଷାଧ୍ୟକ୍ଷ ପ୍ରଭାତ ପାଣିଗ୍ରାହୀ, ଉପ ସଭାପତି ପ୍ରଦୀପ ପ୍ରଧାନ, ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ଲଳିତ ମୋହନ ମହାପାତ୍ର, ସୂର୍ଯ୍ୟନାରାୟଣ ମହାନ୍ତି, ପ୍ରଦୀପ ବେହେରା, ସୁଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ସାହୁ, ରଙ୍ଗନାଥ ବେହେରା, ବିଭୁତି ଭୂଷଣ ମହାନ୍ତି, ଦେବ ପ୍ରସାଦ ଦାସ, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ, ବିଶ୍ୱଜିତ୍‌ଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବହୁ ସାମ୍ବାଦିକ ଯୋଗ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜୋରଦାର କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଖାଡ଼ଙ୍ଗା ସରକାରଙ୍କୁ ଚେତାବନୀ ଦେଇଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଅପ୍ରେଲ ୨୦୨୬ ଗୁରୁବାର





# ଜିତୁ ମୁଣ୍ଡାଙ୍କୁ ଭେଟିଲା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ : ପ୍ରଶାସନର ବଧିର ବ୍ୟବସ୍ଥାକୁ ଦାୟୀ କଲା ବିଜେଡି

**ପାଟଣା, ନ୍ୟୁଜ ବ୍ୟୁରୋ**

ବ୍ୟାଙ୍କରୁ ଜମା ଟଙ୍କା ଉଠାଇବାକୁ ଭଉଣୀର ଶବ ଖୋଳିବା ଘଟଣା। ଭାଇ ଜିତୁ ମୁଣ୍ଡାଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ବିଜେଡି ବିଧାୟକ ବଦ୍ରି ପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ ଆଦିବାସୀ ଉନ୍ନୟନ ଅଧ୍ୟକ୍ଷ ରାମରାୟ ମୁନ୍ଦିୟାଙ୍କ ସହ ଅନ୍ୟମାନେ ପହଞ୍ଚି ଜିତୁଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଶାସନର ବଧିର ବ୍ୟବସ୍ଥାକୁ ଦାୟୀ କଲା ବିଜେଡି। ବିଜେଡି ଅଭିଯୋଗ ଆଣିଛି ଯେ, ଘଟଣା ଘଟିବାର ଗୋଟିଏ ଦିନ ପରେ ଟଙ୍କା ମିଳିବା ସହ ମୃତ୍ୟୁ ପ୍ରମାଣପତ୍ର ଓ ଲିଗାଲ ହେୟାର ବାହାରିଲା। ହେଲେ ଆଗରୁ କାହିଁକି ବାହାରିଲାନି ବୋଲି ବିଜେଡି ଅଭିଯୋଗ ଆଣିଛି। ତହସିଲ କର୍ତ୍ତୃପକ୍ଷ ଓ ପ୍ରଶାସନିକ ବ୍ୟବସ୍ଥାକୁ ଦାୟୀ କରିଛି। ଏଥି ସହ ବିଧାୟକ ବଦ୍ରି ନରାୟଣ ପାତ୍ର ଘଟଣାର ଜୁଡିସିଆଲ ତଦନ୍ତ ଦାବି କରିଛନ୍ତି। ବ୍ୟାଙ୍କରୁ ପୁଲିସ ପୁଣି ଜିତୁଙ୍କୁ ଶବକୁ କାନ୍ଧେଇ କାନ୍ଧେଇ ଚଲାଇ ଚଲାଇ ଆଣିବା ନେଇ ମଧ୍ୟ ବଦ୍ରି ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାସହ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଜିତୁ ମୁଣ୍ଡାଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି।

ସୂଚନା ଥାଉକି, କେନ୍ଦୁଝର ଜିଲ୍ଲା ମଲ୍ଲୀପଶି ଅଞ୍ଚଳର ଏହି ଘଟଣା ଏବେ ସବୁଠି ଚର୍ଚ୍ଚାରେ। ଏହି ଘଟଣା ପରେ ଜାତୀୟ ମାନବାଧିକାର କମିଶନ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଖବର ପ୍ରସାରଣ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି। ମଙ୍ଗଳବାର ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁଙ୍କୁ ଜମା ଟଙ୍କା ଫେରାଇଛନ୍ତି। ୧୯ ହଜାର ୪୦୨ ଟଙ୍କା ଜିତୁ ମୁଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ବେଳେ, ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ପାଟଣା ବିଡିଓ। ଏହା ସହିତ ଜିତୁଙ୍କୁ ରେଡକ୍ରସରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

# କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସହରାଞ୍ଚଳ ବିକାଶ ପ୍ରକଳ୍ପର ସମୀକ୍ଷା କଲେ ଉଷା ପାଢ଼ୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇଡ୍‌କୋ ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ ବୁଧବାର ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ବ୍ୟାପକ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତ୍ତିଭୂମି ପଦକ୍ଷେପ ଓ ଜିଲ୍ଲାର ସହରାଞ୍ଚଳ ବିକାଶ ପ୍ରକଳ୍ପମାନଙ୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଅଭିବୃଦ୍ଧି ଓ ସହରାଞ୍ଚଳ ଭିତ୍ତିଭୂମି ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଏକ ସୁସଂଗଠିତ ଓ ନିବେଶ-ଅନୁକୂଳ ପରିବେଶ ଗଢ଼ି ତୋଳିବା।

ପରିଦର୍ଶନ କାର୍ଯ୍ୟକ୍ରମ ଅଳିଜଙ୍ଗା ଅଞ୍ଚଳର ପ୍ରାୟ ୬୦୦ ଏକର ଜମିର ଅନୁଧ୍ୟାନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଭୂମି ବିକାଶର ଅବସ୍ଥା, ଲେ-ଆଉଟ୍ ପ୍ଲାନିଂ ଏବଂ ଭବିଷ୍ୟତ ଶିଳ୍ପ ନିବେଶ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ପରେ ସେ ସୁକୁଟିଝରା ଅଞ୍ଚଳ ପରିଦର୍ଶନ କରି ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି ଅଞ୍ଚଳଗୁଡ଼ିକର ସମ୍ଭାବନା, ଭିତ୍ତିଭୂମି ସୁବିଧା ଓ ସଂଯୋଗ ସୃଷ୍ଟିର ପରିସ୍ଥିତି ଉପରେ ମୂଲ୍ୟାଙ୍କନ କରିଥିଲେ।

ଏହି ଅବସରରେ ଜିଲ୍ଲାପାଳ ଅମ୍ବର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀମତୀ ପାଢ଼ୀ ଟାଟା ଷ୍ଟିଲ୍‌ର ଡି.ବି. ପ୍ଲଟ୍ ନଂ-୨ ପରିଦର୍ଶନ କରିଥିଲେ। ସେଠାରେ ଶିଳ୍ପ ସଂସ୍ଥାପନାର ପ୍ରଗତି, ଭିତ୍ତିଭୂମି ସୁବିଧା ଓ ଲଜିଷ୍ଟିକ୍ସ ସମ୍ବନ୍ଧୀୟ ବିଷୟରେ ଜିଲ୍ଲା ପ୍ରଶାସନ ଓ ଟାଟାଷ୍ଟିଲ୍ ପକ୍ଷରୁ ତାଙ୍କୁ ବିସ୍ତୃତ ବ୍ରିଫିଂ ଦିଆଯାଇଥିଲା।

ଶିଳ୍ପାଞ୍ଚଳ ସମୀକ୍ଷା ସହିତ ସେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସହରାଞ୍ଚଳ ବିକାଶ ପ୍ରକଳ୍ପ ଓ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନାମାନଙ୍କର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାଣି ଯୋଗାଣ, ପରିଷ୍କାରତା ବ୍ୟବସ୍ଥାପନ, ସହରୀ ସଡ଼କ ଓ ଡ୍ରେନେଜ୍ ନେଟୱର୍କ, ଏବଂ ସହରୀ ଜୀବନମାନ ଉନ୍ନତି ପାଇଁ ଚାଲିଥିବା ପଦକ୍ଷେପଗୁଡ଼ିକର ଗତିବେଗ ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନୂତନ ଶିଳ୍ପ ସହରଗୁଡ଼ିକରେ "ଲିଭେବିଲିଟି" ବୃଦ୍ଧି ଏବଂ ନାଗରିକ ସେବାର ଗୁଣମାନ ଉନ୍ନତିକୁ ସେ ଅତ୍ୟାବଶ୍ୟକ ଭାବେ ଉଲ୍ଲେଖ କରିଥିଲେ।

ପରେ କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳିଙ୍ଗନଗର ଜାତୀୟ ଶିଳ୍ପ କରିଡରର ଦ୍ରୁତ ବିକାଶ ପାଇଁ ଆଗାମୀ ରୋଡ୍ ମ୍ୟାପ୍ ଉପରେ ଚର୍ଚ୍ଚା ହୋଇଥିଲା। ଜମି ଆବଣ୍ଟନ ପ୍ରକ୍ରିୟାର ସରଳୀକରଣ, ଭିତ୍ତିଭୂମି ଯୋଗାଣର ସମୟୋପଯୋଗୀ ସୁନିଶ୍ଚିତତା, ଏବଂ ଶିଳ୍ପ ଅଭିବୃଦ୍ଧି ସହ ସହରୀ ସେବାମାନଙ୍କର ସମନ୍ୱୟ ବୃଦ୍ଧି ପାଇଁ ଜିଲ୍ଲାପାଳ, ଇଡ୍‌କୋ ଅଧିକାରୀ ଓ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି ସହ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀମତୀ ପାଢ଼ୀ କ୍ଷେତ୍ରସ୍ତରରେ ନିୟମିତ ମନିଟରିଂ, ଆନ୍ତଃ-ବିଭାଗୀୟ ସମନ୍ୱୟ ଓ ଦ୍ରୁତ ସିଦ୍ଧାନ୍ତଗ୍ରହଣକୁ ଶିଳ୍ପ ଓ ସହରାଞ୍ଚଳ ଅଭିବୃଦ୍ଧିର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ। ସେ ଏହାକୁ ମଧ୍ୟ ଉପସ୍ଥାପନ କରିଥିଲେ ଯେ, ଓଡ଼ିଶାରେ ଏକ ସ୍ଥାୟୀ, ସୁଦୃଢ଼ ଓ ପୁଞ୍ଜିନିବେଶ-ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଶିଳ୍ପ ଭିତ୍ତିଭୂମି ସହ ସହରାଞ୍ଚଳ ସେବାର ସମନ୍ୱିତ ବିକାଶ ଅତ୍ୟାବଶ୍ୟକ। ଏହି ପରିଦର୍ଶନ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷେତ୍ରସ୍ତରୀୟ ନିରୀକ୍ଷଣକୁ ସୁଦୃଢ଼ କରିବା, ପ୍ରକଳ୍ପଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ଓ ସହରାଞ୍ଚଳ ବିକାଶ କେନ୍ଦ୍ର ଭାବେ ପରିଣତ କରିବା ଦିଗରେ ରାଜ୍ୟର ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆସିଲା ଏକଜିଟ୍ ପୋଲ୍'ର...

ଅନ୍ୟମାନଙ୍କ ପାଇଁ ବିଧାନସଭା ଭବିଷ୍ୟବାଣୀ କରିଛି। ଅନ୍ୟପକ୍ଷରେ କେରଳ ବିଧାନସଭା ନିର୍ବାଚନ ପାଇଁ ଗତ ୯ ତାରିଖରେ ଭୋଟ ପଡ଼ିଥିଲା। ୧୪୦ ଆସନରେ ଭୋଟିଂ ହୋଇଥିଲା। ବୁଧବାର ଆସିଛି ବୁଥ୍ ବାହୁଡ଼ା ମତ। ଏଥିରେ ରାଜ୍ୟରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ଆଗରେ ରହିଛି। କେରଳରେ ୧୪୦ ଆସନରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହୋଇଥିଲା। ଏଲଡିଏଫ ଓ ୟୁଡିଏଫ ମଧ୍ୟରେ ସିଧା ସଳଖ ଟକ୍କର ହୋଇଥିଲା। ତେବେ ମେ' ୪ ତାରିଖରେ ଫଳାଫଳ ଆସିବା ପରେ ସ୍ପଷ୍ଟ ହେବ କାହା ହାତକୁ ଗଲା କେରଳ। କିଏ ମ୍ୟାଜିକ ନମ୍ବର (୭୧) ହାତେଇ ଗଢ଼ିବ ସରକାର। ପ୍ରାରମ୍ଭିକ ଏକଜିଟ୍ ପୋଲଗୁଡ଼ିକ ୟୁଡିଏଫକୁ ଆଗରେ ରଖିଛନ୍ତି। ଯଦିଓ ଆକ୍ସିସ୍ ମାଇ ଇଣ୍ଡିଆ ଏକଜିଟ୍ ପୋଲରେ ପିନାରାୟି ବିଜୟନ ମୁଖ୍ୟମନ୍ତ୍ରୀ ପଦ ପାଇଁ ସବୁଠାରୁ ପ୍ରିୟ ପସନ୍ଦ ବୋଲି ଦର୍ଶାଯାଇଛି। କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ରାଜ୍ୟରେ ଏକ ଦଶନ୍ଧି ଧରି ବାମପନ୍ଥୀ ଶାସନର ଅନ୍ତ କରିପାରେ ବୋଲି ଏକଜିଟ୍ ପୋଲରେ ଆକଳନ କରାଯାଇଛି। ମାଟ୍ରିଜ୍ ଏକଜିଟ୍ ପୋଲ୍ ଫଳାଫଳ ଅନୁସାରେ, ୟୁଡିଏଫ୍ ୭୫-୮୫ ଆସନ ପାଇବ। ଏଲଡିଏଫ୍ ୬୫ ଆସନ ପର୍ଯ୍ୟନ୍ତ ପାଇପାରେ। ବିଜେପି ତିନିରୁ ପାଞ୍ଚ ଆସନ ପାଇପାରେ। ଭୋଟ୍ ଭାଇବ୍ ଏକଜିଟ୍ ପୋଲ ୟୁଡିଏଫ୍ ପାଇଁ ୭୦-୮୦ ଆସନ ଭବିଷ୍ୟବାଣୀ କରିଛି। ଯେତେବେଳେ ଏଲଡିଏଫ୍ ୫୮ ରୁ ୬୮ ଆସନ ପାଇବ। ଏନଡିଏ ୪ ଆସନ ପର୍ଯ୍ୟନ୍ତ ପାଇପାରେ। ଆକ୍ସିସ୍ ମାଇ ଇଣ୍ଡିଆ ସର୍ଭେ ୟୁଡିଏଫ୍ ସପକ୍ଷରେ। ଏଲଡିଏଫ୍ ୩୯ ପ୍ରତିଶତ ଭୋଟ ପାଇବ ଏବଂ ଏନଡିଏ ୧୪ ପ୍ରତିଶତ ଭୋଟ ପାଇବ। ବୁଧବାର ପ୍ରକାଶିତ ଏକଜିଟ୍ ପୋଲ୍ ଗଣତିରେ ଡିଏମକେ ପୁଣି ଥରେ ଶାସନକୁ ଫେରିବା ନେଇ ଆକଳନ କରିଛନ୍ତି ବିଭିନ୍ନ ଏଜେନ୍ସି। ନିର୍ବାଚନ ପରବର୍ତ୍ତୀ ସର୍ଭେରୁ ସୂଚନା ମିଳିଛି ଯେ, ତାମିଲନାଡୁରେ ଡିଏମକେ ମେଣ୍ଟ ପୁଣିଥରେ ସରକାର ଗଠନ କରିପାରେ। ଗତ ୨୩ ତାରିଖରେ ଅନୁଷ୍ଠିତ ତାମିଲନାଡୁ ନିର୍ବାଚନରେ ଅଭୂତପୂର୍ବ ୮୫.୧୫% ମତଦାନ ରେକର୍ଡ କରାଯାଇଥିଲା। ଏନଡିଟିଭି ଦ୍ୱାରା ପ୍ରକାଶିତ ନିର୍ବାଚନ ପରବର୍ତ୍ତୀ ସର୍ଭେ ଅନୁଯାୟୀ, ଡିଏମକେ ମେଣ୍ଟ ସର୍ବାଧିକ ଆସନ ଜିତି ପୁଣି ଥରେ ସରକାର ଗଠନ କରିପାରେ। ଡିଏମକେକୁ ୧୨୫-୧୪୫ ଆସନ ମିଳିବାକୁ ଥିବାବେଳେ ଏଆଇଏଡିଏମକେକୁ ୬୫-୮୦ ଆସନ ଏବଂ ଟିଏମସି ୧୮-୨୪ ଆସନ ଜିତିବ ବୋଲି କୁହାଯାଇଛି। ତେବେ ଟିଭିକେ ବିଜୟଙ୍କୁ କେତେ ଆସନ ମିଳିବ ଏଯାଏଁ ଆକଳନ ଆସିନାହିଁ। ମାଟ୍ରିଜ୍ ଏକଜିଟ୍ ପୋଲ୍ ଫଳାଫଳ ଅନୁସାରେ, ଡିଏମକେ ମେଣ୍ଟ- ୧୨୨-୧୩୨ ସିଟ୍ ଆଣିବାକୁ ଥିବାବେଳେ ଏଆଇଏଡିଏମକେ ୮୭-୧୧୦ ଆସନ ଓ ଟିଭିକେକୁ ୧୦-୧୫ ଆସନ ମିଳିପାରେ। ନ୍ୟୁଜ୍ ୧୮ ଏକଜିଟ ପୋଲ ଅନୁସାରେ ତାମିଲନାଡୁରେ, ଡିଏମକେ ମେଣ୍ଟ ୧୦୩-୧୧୩ ସିଟ୍ ହାତେଇବାକୁ ଥିବାବେଳେ ଏଆଇଏଡିଏମକେ ୧୧୪-୧୨୪ ସିଟ୍ ଓ ଟିଭିକେ ୪-୧୦ ସିଟ୍ ହାସଲ କରିବ। ପି-ମାର୍କର ଆକଳନ ଅନୁଯାୟୀ ଡିଏମକେ ମେଣ୍ଟ ୧୨୫-୧୪୫ ସିଟ୍, ଏଆଇଏଡିଏମକେ ୬୫-୮୫ ସିଟ୍ ଓ ଟିଭିକେ ୧୬-୨୬ ସିଟ୍ ହାସଲ କରିବ। ପୁଡୁଚେରୀରେ ଏନଡିଏ ଆଗୁଆ ଥିବା ଏକଜିଟ୍ ପୋଲ ଦର୍ଶାଉଛି, ଯଦିଓ ବିରୋଧୀଙ୍କ ସହିତ କଡ଼ା ପ୍ରତିଦ୍ୱନ୍ଦ୍ୱିତା ସୂଚିତ ହୋଇଛି। ବିଭିନ୍ନ ଏକଜିଟ୍ ପୋଲ ଏଜେନ୍ସି ଅନୁଯାୟୀ, ଏନଡିଏ ବହୁମତ ହାସଲ କରିବ କିମ୍ବା ୩୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏକକ ବୃହତ୍ତମ ମେଣ୍ଟ ଭାବେ ଉଭା ହେବ ବୋଲି ଆଶା କରାଯାଉଛି। ପୁଡୁଚେରୀ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ପିପୁଲ୍ସ ପଲ୍ସ ଏକଜିଟ୍ ପୋଲ ଅନୁଯାୟୀ, ଅଲ୍ ଇଣ୍ଡିଆ ଏନଆର କଂଗ୍ରେସ ୧୦-୧୨ ଆସନ ସହିତ ପ୍ରମୁଖ ଦଳ ଭାବେ ଉଭା ହେବ ବୋଲି ଆକଳନ କରାଯାଇଛି। ଯେତେବେଳେ କି ବିଜେପି ନେତୃତ୍ୱାଧିନ ଏନଡିଏ ୫-୬ ଆସନ ପାଇବାର ଆଶା କରାଯାଉଛି। ଡିଏମକେ ୬ରୁ ୮ ଆସନ ମଧ୍ୟରେ ଜିତିପାରେ ବୋଲି ଏଥିରେ କୁହାଯାଇଛି। କଂଗ୍ରେସ ୧-୩ ଆସନ ପାଇବାର ଆକଳନ କରାଯାଇଛି। ଛୋଟ ଦଳଗୁଡ଼ିକର ସୀମିତ ପ୍ରଭାବ ପଡ଼ିବାର ସମ୍ଭାବନା ଅଛି, ଏଲଜେକେ ଏବଂ ଅନ୍ୟାନ୍ୟ ପ୍ରତ୍ୟେକ ୧-୨ ଆସନ ଜିତିବେ ବୋଲି ଆଶା କରାଯାଉଛି ଏବଂ ଏଆଇଏଡିଏମକେ ଏବଂ ଟିଭିକେ ପ୍ରତ୍ୟେକ ୦-୧ ଆସନ ପାଇବେ ବୋଲି ଆକଳନ କରାଯାଇଛି।

## ଆଜି ବିଧାନସଭାର ସ୍ୱତନ୍ତ୍ର...

ପାଇଁ ବିଧାନସଭା ଡାକିଛନ୍ତି ସରକାର। ଡିବେଟ କମ୍ପିଟିସନ ବିଧାନସଭା ବାହାରେ ମଧ୍ୟ ହୋଇପାରିଥାନ୍ତା। ବିଧାନସଭାରେ ଡାକି ଗୋଟିଏ ଦିନରେ କୋଟିଏ ଟଙ୍କା ଖର୍ଚ୍ଚ କରିବେ। ଯାହା ଆମେ ଶୁଣୁଛୁ ସରକାର କେବଳ ଗୋଟେ ସଂକଳ୍ପ ପାରିତ କରିବେ। ବିରୋଧୀ ଦଳଙ୍କୁ ନିନ୍ଦା କରି ପ୍ରସ୍ତାବ ପାରିତ କରିବେ। ଏଥିରୁ ସରକାରଙ୍କ ଆଭିମୁଖ୍ୟ ଜଣାପଡୁଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ସର୍ବସମ୍ମତି କ୍ରମେ ମହିଳାଙ୍କ ନେତୃତ୍ୱ ପ୍ରସଙ୍ଗରେ ସଂକଳ୍ପ ପାରିତ କରି ସାରିଛି। ମହିଳାଙ୍କ ପ୍ରସଙ୍ଗରେ ବିଜେଡିର ନୀତି ଅତ୍ୟନ୍ତ ସ୍ପଷ୍ଟ। ଗୁରୁବାର ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଦିନିକିଆ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ବିଧାନସଭାର ସୁରକ୍ଷା ବ୍ୟବସ୍ଥାକୁ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଧାନସଭା ପରିସରକୁ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯିବ, ଯାହାଦ୍ୱାରା କୌଣସି ପ୍ରକାରର ଅପ୍ରୀତିକର ଘଟଣାକୁ ରୋକାଯାଇପାରିବ। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହ ବୁଧବାର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରି କହିଛନ୍ତି ଯେ ସମ୍ପୂର୍ଣ୍ଣ ଅଞ୍ଚଳରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନଜର ରଖାଯିବ। ଏହା ସହିତ ସିସିଟିଭି ନଜରଦାରିକୁ ମଧ୍ୟ ଆହୁରି ସୁଦୃଢ଼ କରାଯାଇଛି। ଅଧିବେଶନ ସମୟରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ। ଏଥିପାଇଁ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ, ୧୦୦ ଅଫିସର ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ। ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୋଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି। ଲୋୟର ପିଏମଜିରେ ୧୪୪ ଧାରା ଜାରି କରାଯାଇଛି। ବିଧାନସଭା ଓ ତାକୁ ଲାଗି ରହିଥିବା ସଂଲଗ୍ନ ସ୍ଥାନଗୁଡ଼ିକୁ ସିସିଟିଭି ସର୍ଭେଲାନ୍ସ ରଖାଯିବ ସହିତ ସମ୍ପୂର୍ଣ୍ଣ ପୋଲିସ୍ ପ୍ରଶାସନର କଡ଼ା ନଜରରେ ରହିବ ବିଧାନସଭା।

## ଗଙ୍ଗା ଏକ୍ସପ୍ରେସୱେର ଲୋକାର୍ପଣ...

ଏୟାରଷ୍ଟ୍ରିପ୍। ଦେଶର ଏହା ହେଉଛି ପ୍ରଥମ ଏକ୍ସପ୍ରେସୱେ ଯେଉଁଠାରେ ଜରୁରୀକାଳୀନ ପରିସ୍ଥିତି କିମ୍ବା ରାତି ସମୟରେ ମଧ୍ୟ ବାୟୁସେନାର ଲଢ଼ୁଆ ବିମାନ ଅବତରଣ କରିପାରିବ। ସୁରକ୍ଷା ଦୃଷ୍ଟିକୋଣରୁ ଏହା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକଳ୍ପ ମାଧ୍ୟମରେ ହରଦୋଇ, ମିରଟ, ହାପୁଡ଼ ଏବଂ ରାୟବରେଲି ଭଳି ଜିଲ୍ଲାରେ ଶିଳ୍ପ କ୍ଲଷ୍ଟର ଗଢ଼ାଯାଉଛି। ଏହାଦ୍ୱାରା ସ୍ଥାନୀୟ କୃଷି ଓ ବ୍ୟାପାରକୁ ପ୍ରୋତ୍ସାହନ ମିଳିବା ସହ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ଏହା ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ସରକାରଙ୍କ 'ବିକାଶବାଦ' ଏଜେଣ୍ଡାକୁ ଆହୁରି ମଜଭୁତ କରିବ। ଏହି ଲୋକାର୍ପଣ ସହିତ ଭାରତର ସମୁଦାୟ ଏକ୍ସପ୍ରେସୱେ ନେଟୱାର୍କରେ ଉତ୍ତର ପ୍ରଦେଶର ଅଂଶଧନ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ରାଜ୍ୟରେ ୧୯୧୦ କିଲୋମିଟର ଏକ୍ସପ୍ରେସୱେ ନେଟୱାର୍କ ପ୍ରସ୍ତୁତ ହୋଇସାରିଛି। ୨୦୨୯ ସୁଦ୍ଧା ୩୨୦୦ କିଲୋମିଟର ପର୍ଯ୍ୟନ୍ତ ସଂଯୋଗୀକରଣ କରିବାକୁ ୟୁପିର ଲକ୍ଷ୍ୟ ରଖିଛି।

ଏହି ଏକ୍ସପ୍ରେସୱେ ମିରଟ, ହାପୁଡ଼, ବୁଲନ୍ଦସହର, ଅମରୋହା, ସମ୍ଭଲ, ବଦାୟୁଁ, ଶାହାଜାହାନପୁର, ହରଦୋଇ, ଉନ୍ନାଓ, ରାୟବରେଲି, ପ୍ରତାପଗଡ଼ ଏବଂ ପ୍ରୟାଗରାଜକୁ ପରସ୍ପର ସହ ଯୋଡ଼ିବ। ଏହି ଐତିହାସିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆନନ୍ଦିବେନ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଉପସ୍ଥିତ ରହିଥିଲେ। ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ମେ' ୨ରେ ପ୍ରକାଶ ପାଇବ...

ଏଥିପାଇଁ ଅନଲାଇନରେ ଏବଂ ହ୍ୱାଟ୍ସଆପ ମାଧ୍ୟମରେ ଜାଣିହେବ। ନିଜର ହ୍ୱାଟ୍ସଆପରେ ୭୭୧୦୦୫୮୧୯୨କୁ ମେସେଜ୍ କରନ୍ତୁ। ପରେ ଉକ୍ତ ନମ୍ବରରୁ BSE ଟାଇପ କରନ୍ତୁ ଏବଂ ପରବର୍ତ୍ତୀ ସମୟରେ ଏହି ପଦ୍ଧତି ଦ୍ୱାରା ସାର୍ଟିଫିକେଟ ପାଇପାରିବେ। ସେହିପରି ରିଚେକିଂ ପାଇଁ ବୋର୍ଡ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରିବ। କୌଣସି ଛାତ୍ରଛାତ୍ରୀଙ୍କର ଯଦି କୌଣସି ସମସ୍ୟା ଥାଏ, ତେବେ ବୋର୍ଡ କାର୍ଯ୍ୟାଳୟରେ ଥିବା ଟୋଲଫ୍ରି ନମ୍ବରକୁ ଯୋଗାଯୋଗ କରିପାରିବେ। ଦୁଇଟି ନମ୍ବର ବୋର୍ଡ ପକ୍ଷରୁ ଜାରି କରାଯିବ। ଏହି ନମ୍ବରରେ ଯୋଗାଯୋଗ କରି ଛାତ୍ରଛାତ୍ରୀମାନେ ଯେପରି ନିଜର ସମସ୍ୟା ସମ୍ପର୍କରେ ଜାଣି ପାରିବେ ବୋଲି ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତାରାଇ।

## କେନ୍ଦୁଝରକୁ ଦେଶର...

ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଘୋଷଣା କରାଯାଇଛି। ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ୍ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ୍' ଡିପୋର ଲୋକାର୍ପଣ କରାଯାଇଛି। ସୂଚନାଯୋଗ୍ୟଯେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହା ବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ।

ଏହି ନୂତନ ଇ-ବସ୍ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡ଼ା। ମାତ୍ର ୫ ଟଙ୍କାରୁ ବସ୍ ଭଡ଼ା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ। ସମସ୍ତ ବସ୍ ସମ୍ପୂର୍ଣ୍ଣ ଭାବେ ଏସି ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରତିଟି ବସରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ। କେବଳ ପରିବହନ ନୁହେଁ, ବରଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ଯୋଜନା ମାଧ୍ୟମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି। ମହିଳାମାନଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବା ରାଜ୍ୟ ସରକାରଙ୍କ 'ମହିଳା ଶକ୍ତି' ଅଭିଯାନକୁ ଆହୁରି ସୁଦୃଢ଼ କରିଛି। ସାମଗ୍ରିକ ଭାବେ, ଏହି ଇ-ବସ୍ ସେବା ସହରୀ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ସମାରୋହରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡକ୍ଟର ଫକୀର ମୋହନ ନାଏକ, ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରମ୍ପଙ୍କ 'ମାଷ୍ଟରପ୍ଲାନ୍': ତେଲ ରପ୍ତାନି...

ଦେଶର ଉତ୍ପାଦନ କ୍ଷମତାକୁ ନଷ୍ଟ କରିଦେବ। ଆମେରିକା କେବଳ ବାଟ ଓଗାଳି ନାହିଁ, ବରଂ ନିୟମ ଉଲ୍ଲଂଘନ କରୁଥିବା ଇରାନୀ ଜାହାଜଗୁଡ଼ିକୁ ଜବତ କରିବା ଆରମ୍ଭ କରିଛି। ଗତ କିଛି ଦିନ ମଧ୍ୟରେ ଆମେରିକୀୟ ସେନା ହର୍ମୁଜ ପ୍ରଣାଳୀ ଦେଇ ଚୋରା ଚାଲାଣ କରୁଥିବା ଅନେକ ଇରାନୀ ଜାହାଜକୁ କବଜା କରିଛନ୍ତି। ଏଥିରେ ଲକ୍ଷ ଲକ୍ଷ ବ୍ୟାରେଲ କଞ୍ଚା ତେଲ ରହିଛି। ଇରାନ ଏହାକୁ 'ସାମୁଦ୍ରିକ ଡକାୟତି' ବୋଲି କହିଛି। କିନ୍ତୁ ଆମେରିକା ସ୍ପଷ୍ଟ କରିଛି ଯେ ବେଆଇନ ତେଲ ନେଟୱାର୍କକୁ ଧ୍ୱଂସ କରିବା ପାଇଁ ଏହି ଅଭିଯାନ ଜାରି ରହିବ। ବ୍ଲୁମବର୍ଗ ଏବଂ ଗବେଷଣା ସଂସ୍ଥା 'କେପଲର'ର ରିପୋର୍ଟ ଅନୁସାରେ, ଇରାନ ପାଖରେ ଏବେ ମାତ୍ର ୧୨ରୁ ୨୨ ଦିନର ତେଲ ସଂରକ୍ଷଣ ବଳକା ଅଛି। ଏପ୍ରିଲ ପହିଲାରୁ ୧୩ ତାରିଖ ମଧ୍ୟରେ ଇରାନ ଦୈନିକ ୨.୧ ମିଲିୟନ ବ୍ୟାରେଲ ତେଲ ରପ୍ତାନି କରୁଥିଲା, କିନ୍ତୁ ଆମେରିକାର ନାକାବନ୍ଦୀ ପରେ ଏହା ମାତ୍ର ୫ ଲକ୍ଷ ୬୭ ହଜାର ବ୍ୟାରେଲକୁ ଖସି ଆସିଛି। ମେ' ମଧ୍ୟଭାଗ ସୁଦ୍ଧା ଇରାନକୁ ନିଜର ଦୈନିକ ଉତ୍ପାଦନରେ ପ୍ରାୟ ୧.୫ ମିଲିୟନ ବ୍ୟାରେଲ କାଟ୍ କରିବାକୁ ପଡ଼ିପାରେ, ଯାହା ଇରାନର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେବ।

## ତାତିର ହଟସ୍ପଟ୍...

ପାଣିପାଗ ପରିସ୍ଥିତିର ଗମ୍ଭୀରତାକୁ ସ୍ପଷ୍ଟ କରୁଛି। ପାଣିପାଗ ବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ ଏହି ବୃଦ୍ଧି ଅନେକ କାରଣର ମିଶ୍ରଣ, ଯେପରିକି ନିରନ୍ତର ଶୁଖିଲା ପବନ, ଆକାଶ ସଫା ଏବଂ ପ୍ରାକ୍-ମୌସୁମୀ କାର୍ଯ୍ୟକଳାପରେ ବିଳମ୍ବ। ପର୍ଯ୍ୟାପ୍ତ ବର୍ଷା ଏବଂ ବାଦଲ ଛାଇ ନ ରହିବା କାରଣରୁ ଦିନ ସମୟରେ ତାପମାତ୍ରା ବୃଦ୍ଧି ପାଉଛି ଏବଂ ଗରମ ରାତି ଥଣ୍ଡା ପବନକୁ ବାଧା ଦେଉଛି। ଭାରତ ପାଣିପାଗ ବିଭାଗ ପୂର୍ବରୁ ଅନେକ ଅଞ୍ଚଳରେ ଗରମ ପ୍ରବାହ ଚେତାବନୀ ଜାରି କରିସାରିଛି ଏବଂ ସତର୍କ କରାଇ ଦେଇଛି ଯେ ଆଗାମୀ ଦିନରେ ସମାନ ପରିସ୍ଥିତି ଜାରି ରହିବ। ଏପରି ତାପମାତ୍ରା ଦୀର୍ଘ ସମୟ ଧରି ରହିବା ଦ୍ୱାରା ଗରମ ସମ୍ବନ୍ଧୀୟ ରୋଗର ଆଶଙ୍କା ବଢ଼ିପାରେ। ବିଶେଷକରି ବୃଦ୍ଧ, ପିଲା ଏବଂ ବାହ୍ୟ ଶ୍ରମିକଙ୍କଠାରେ। ତେବେ ବର୍ତ୍ତମାନ ସୁଦ୍ଧା, ଭାରତ ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ରହିଛି, ଏହା ଏକ ଅସାଧାରଣ ଚିତ୍ର। ବିଶେଷଜ୍ଞଙ୍କ ପୂର୍ବାନୁମାନ ସୂଚିତ କରୁଛି ଯେ ଆଗାମୀ କିଛି ଦିନ ମଧ୍ୟରେ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଂଶରେ ଝଡ଼ବର୍ଷା ଏବଂ ପ୍ରବଳ ପବନ ହେବାର ସମ୍ଭାବନା ରହିଛି, ଯାହା ସାମୟିକ ଆଶ୍ୱସ୍ତି ଆଣିପାରେ।

# ଆଦିତ୍ୟ ଆଲୁମିନିୟମ ଦ୍ୱାରା ତିନୋଟି ପ୍ରକଳ୍ପର ଶିଳାନ୍ୟାସ



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ତିନୋଟି ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। ଦୁଇଟି ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ ଅନୁଷ୍ଠାନ କନଖଣ୍ଡା ଗ୍ରାମ ପଞ୍ଚାୟତ ଅଧୀନ ଡୁଙ୍ଗୁରିପଡା ଗ୍ରାମ ଏବଂ ତାଲାବ ଗ୍ରାମ ପଞ୍ଚାୟତ ଅଧୀନ ବାଘାପଡା ଗ୍ରାମରେ ଓ ସମ୍ବଲପୁର ମହାନିଗର ନିଗମର ୱାର୍ଡ ନମ୍ବର -୧ର ମହମ୍ମଦପୁର ଗ୍ରାମରେ ଏକ ମଣ୍ଡପ ପାଇଁ ଶିଳାନ୍ୟାସର ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାନସଭା ମଣ୍ଡଳର ଗରିମାମୟ ବିଧାୟକ ସୁଦର୍ଶନ ହରିପାଲ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଆଦିତ୍ୟ ଆଲୁମିନିୟମ ଲପଙ୍ଗାର ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ସିଭିଲ ମୁଖ୍ୟ ରଞ୍ଜିତ କୁମାର ସିଂହ, ସ୍ମେଲଟର ସଂଗ୍ରାମ ଧଳ, ସିପିପିର ନିମାଇ ମହାପାତ୍ର, କାର୍ବୋନର ଅରୁଣକାନ୍ତ ସ୍ୱାଇଁ, ସିପିପି-ଏଫଜିଡି ଅଭିନାଶ ମହାନ୍ତି, ବିଘ୍ନେଶ୍ୱର ପାଣ୍ଡା, ସିଏସଆର ମୁଖ୍ୟ ରବି ନିୱାସ, ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା, ସୁକାନ୍ତ ମହାପାତ୍ର ଓ ଆଦିତ୍ୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଦିତ୍ୟ ଆଲୁମିନିୟମର ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଅଧିବାସୀ ମାନେ ପ୍ରଶଂସା କରିଥିଲେ।

# ଗ୍ରାମୀଣ ଶିକ୍ଷାକୁ ଭିତ୍ତିଭୂମି ସହାୟତା ସହିତ ମଜବୁତ କରୁଛି ଏନ୍‌ଟିପିସି

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**



"ଉତ୍ତମ ଶିକ୍ଷଣ ସ୍ଥାନ ସହିତ ମନକୁ ସଶକ୍ତ କରିବା" ସମାବେଶୀ ଅଭିବୃଦ୍ଧି ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରି, ଏନ୍‌ଟିପିସି ଲିମିଟେଡ୍ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ପିଏମ୍ ଶ୍ରୀ ଜି.ପି. ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇକଳାରେ ସ୍କୁଲ ଏବଂ ଶ୍ରେଣୀଗୃହ ଭିତ୍ତିଭୂମିକୁ ଉନ୍ନତ କରିଛି। ଉନ୍ନତ ସୁବିଧାଗୁଡ଼ିକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ରାଜ୍ୟ ଅଧିକାରୀ, ଏନ୍‌ଟିପିସି ପ୍ରତିନିଧି, ସ୍କୁଲ କର୍ମଚାରୀ, ଛାତ୍ର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ଉପସ୍ଥିତିରେ ଉଦ୍ଘାଟନ କରିଥିଲେ। ଏହି ପଦକ୍ଷେପ ଅଧୀନରେ, ଏନ୍‌ଟିପିସି ମୁଖ୍ୟତଃ ଗ୍ରାମୀଣ ଏବଂ ଆଦିବାସୀ ସମ୍ପ୍ରଦାୟର ୪୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଡେସ୍କ, ବେଞ୍ଚ, ଚେୟାର, ଆଲମିରା, ପୁସ୍ତକ ଆବରଣ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଶ୍ରେଣୀଗୃହ ସାମଗ୍ରୀ ପ୍ରଦାନ କରିଥିଲା। ଉନ୍ନତ ସୁବିଧାଗୁଡ଼ିକ ଏକ ଆରାମଦାୟକ ଏବଂ ସଂଗଠିତ ଶିକ୍ଷଣ ପରିବେଶ ସୃଷ୍ଟି କରିବ, ଶ୍ରେଣୀଗୃହ ପାରସ୍ପରିକ କ୍ରିୟା, ଛାତ୍ର ଉପସ୍ଥାନ ଏବଂ ଶୈକ୍ଷିକ ପ୍ରଦର୍ଶନକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଏନ୍‌ଟିପିସିର ସ୍ଥାୟୀ ଶିକ୍ଷା ବିକାଶ ଏବଂ ଅବହେଳିତ ସମ୍ପ୍ରଦାୟର ସଶକ୍ତିକରଣ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହିପରି ସିଏସ୍ଆର ପଦକ୍ଷେପ ମାଧ୍ୟମରେ, ଏନ୍‌ଟିପିସି ରାଷ୍ଟ୍ର ପାଇଁ ଏକ ଦୃଢ଼ ଏବଂ ଅଧିକ ଅନ୍ତର୍ଭୁକ୍ତ ଭବିଷ୍ୟତ ପାଇଁ ଯୋଗଦାନ ଦେବା ସହିତ ମନକୁ ଆଲୋକିତ କରିଚାଲିଛି।



ଭୁବନେଶ୍ୱର : ଇସ୍କନରେ ପ୍ରଭୁଙ୍କ ଚାପ ଖେଳ । (ଫଟୋ : ସମ୍ବାଦ କଳିକା)

# ପୁନାରେ ଶ୍ରୀଜୟଦେବ ଜୟନ୍ତୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁନା (ମହାରାଷ୍ଟ୍ର)ରେ ଗତ ୨୦.୦୪.୨୦୨୬ (ଅକ୍ଷୟତୃତୀୟା) ଅବସରରେ ମହାକବି ଶ୍ରୀଜୟଦେବଙ୍କ ଜୟନ୍ତୀ ଉତ୍ସବ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହୋଇଯାଇଛି। ପୁନାରେ ବାସ କରୁଥିବା ବହୁ ଓଡ଼ିଆ ଏହି ଉତ୍ସବରେ ଭାଗନେଇ ମହାକବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଏଥି ନିମନ୍ତେ ପ୍ରାୟ ଦୁଇଘଣ୍ଟା ଧରି ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ୟୋକ୍ତା ଥିଲେ ଶ୍ରୀମତୀ ଆଶାରାଣୀ ରଥ ଓ ମନ୍ଦିରର କର୍ମକର୍ତ୍ତାମାନେ। ଓଡ଼ିଶାର ଭୁବନେଶରରୁ ଡ. ମଧୁମିତା ମିଶ୍ରଙ୍କ ଶ୍ରୀଗୀତଗୋବିନ୍ଦର ଓଡ଼ିଶୀ ଦଶାବତାର ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଏହି ନୃତ୍ୟ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସ୍ମରଣୀକା ମହାନ୍ତି, ପ୍ରିୟଙ୍କା ରାଉତ, ପ୍ରିତିଶା ସାହୁ, ଆନ୍ନା ଶାଲଭି ଏବଂ ମାଇରା ଗୁପ୍ତ ପ୍ରମୁଖ ଭାଗ ନେଇଥିଲେ। ଉପସ୍ଥିତ ଦର୍ଶକମାନଙ୍କ ଦ୍ୱାରା ଶ୍ରୀଗୀତଗୋବିନ୍ଦ ଉତ୍ସବ ବେଶ୍ ଆକର୍ଷିତ ହୋଇଥିବାର ଜଣାପଡ଼ିଥିଲା। ମହାରାଷ୍ଟ୍ରର ଅନ୍ୟ କେତେକ ଦେବ ମନ୍ଦିରମାନଙ୍କରେ ଶ୍ରୀଗୀତଗୋବିନ୍ଦ ଉତ୍ସବ ପ୍ରବାସୀ ଓଡ଼ିଆମାନଙ୍କଦ୍ୱାରା ପାଳନ କରାଯାଇଥିବାର ଜଣାପଡ଼ିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2026017, ତା.21.04.2026ରିଖ

କାର୍ଯ୍ୟର ନାମ : ଭୁବନେଶ୍ୱର ନ୍ୟୁ ଜଂକ୍ସନ ଷ୍ଟେସନ (ଫେଜ୍-I) ର ପ୍ରମୁଖ ଉନ୍ନତିକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 5315.90 ଲକ୍ଷ, EMD (₹) : 1,06,31,800.00, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.06.2026 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-35/CJ/26-27

# ମଧୁବାବୁଙ୍କ ଆଦର୍ଶ ଆଜିର ପିଢ଼ି ପାଇଁ ପ୍ରେରଣାର ସ୍ରୋତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକୀ ସ୍ମୃତି ଅବସରରେ ଭୁବନେଶ୍ୱର ଓକିଲ ସଂଘ ଦ୍ୱାରା ଏକ ଗରିମାମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିବାବେଳେ, ଗୌରବମୟ ଅତିଥି ଭାବେ ନ୍ୟାୟମୂର୍ତ୍ତି ସଞ୍ଜୟ କୁମାର ମିଶ୍ର ଓ ମୁଖ୍ୟ ବକ୍ତା ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶକ ସଂସ୍କୃତି ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦେବ ପ୍ରସାଦ ଦାଶ ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ଅତିଥିମାନେ ମଧୁସୂଦନ ଦାସଙ୍କ ଅପରିମିତ ଅବଦାନ, ଓଡ଼ିଆ ଭାଷା, ସାମାଜିକ ନ୍ୟାୟ ଓ ଆଇନ କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ ସେବାକୁ ସ୍ମରଣ କରିଥିଲେ। ସେମାନେ କହିଥିଲେ ଯେ, ମଧୁବାବୁଙ୍କ ଆଦର୍ଶ ଆଜିର ପିଢ଼ି ପାଇଁ ପ୍ରେରଣାର ସ୍ରୋତ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ କିଛି ଗୁଣୀ ଓକିଲଙ୍କୁ "ମଧୁ ଗୌରବ ସମ୍ମାନ" ପ୍ରଦାନ କରାଯାଇଥିଲା ତାଙ୍କ ମଧ୍ୟରୁ ବରିଷ୍ଠ ଆଡଭୋକେଟ୍ ତଥା ସମବାୟବିତ ଜୟନ୍ତ କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସେଠାରେ ଉପସ୍ଥିତ ବ୍ୟକ୍ତିମାନେ ଏହାକୁ ଗର୍ବର ବିଷୟ ବୋଲି କହିଥିଲେ ଏବଂ ଆଗାମୀ ଦିନରେ ସମାଜ ପାଇଁ ଆହୁରି କାମ କରିବାର ସଙ୍କଳ୍ପ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଘର ସଭାପତି ଅଶୋକ କୁମାର ଛୋଟରା ଏବଂ ସାମ୍ପାଦକ ସୁମନ ରାଉତରାଙ୍କ ସମେତ ବହୁ ସଂଖ୍ୟକ ବୁଦ୍ଧିଜୀବୀ, ଆଇନଜୀବୀ, ସାମାଜିକ କର୍ମୀ ଓ ସାଧାରଣ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଭୁବନେଶ୍ୱର, ୩୦ ଅପ୍ରେଲ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳାରେ ଆଗେଇ ଚାଲିଛି ତୁମ୍ବ ଓ ଅଗର ବିନ୍ଧ ଖୋଦେଇ



ପୁରୀ, ୨୯/୦୪
ନ୍ୟୁଜ ବ୍ୟୁରୋ

ରଥ ନିର୍ମାଣ ପାଇଁ ଚଳଚଞ୍ଚଳ ରଥ ଖଳା ଓ ଦୋଳବେଦୀ ଶାଳ । ଖଳାରେ ନିହଣ ଓ ମୁଗୁର ସାହାଯ୍ୟରେ ବିଶ୍ୱକର୍ମାମାନେ ତୁମ୍ବରେ ବିନ୍ଧ ଓ ଅଗର ବିନ୍ଧ ଖୋଦେଇ ଜାରି ରଖିଛନ୍ତି । ତାଳଧ୍ୱଜ ରଥର ବିଶ୍ୱକର୍ମା ଜୟକୃଷ୍ଣ ମହାରଣା କୁହନ୍ତି, ତୁମ୍ବରେ ଅର ଫିଟିଂ ପାଇଁ ଅର କଣ୍ଟା ବାଡ଼ିଆ ହେବ। ସେଥିପାଇଁ ତୁମ୍ବରେ ଯେଉଁ ବିନ୍ଧ ହୁଏ ତାହାକୁ ଅଗରବିନ୍ଧ କୁହନ୍ତି। ଅନ୍ୟପଟେ ଦୋଳବେଦୀ ଶାଳ ତିନିଟିରେ ଚକ ପାଇଁ ପନ୍ଦାରି ଓ ଅର କଣ୍ଟା ତିଆରିରେ ଲାଗିଛନ୍ତି ଓଝା ସେବକ । ଚକ ମଜଭୁତି ପାଇଁ ପନ୍ଦାରି ତିଆରି ହେଉଛି । ଆଗକୁ ଚକ ପାଇଁ ତିଆରି ହେବ ବଳା ଓ ପନ୍ଦାରି ଚାବି। ପନ୍ଦାରି ଚକର ମଝି ଅଂଶ ତୁମ୍ବର ଭିତର ପାର୍ଶ୍ୱରେ ଲାଗିବ। ଚକରେ ପନ୍ଦାରି ଲାଗିବା ପରେ ଚାବି ପଡ଼ିବ । ତୁମ୍ବର ବାହାର ପାର୍ଶ୍ୱରେ ଲାଗିବ ବଳା। ଗୋଟିଏ ତୁମ୍ବରେ ଲାଗିବ ୨ଟି ଲେଖାଏଁ ପନ୍ଦାରି ଓ ବଳା । ତିନି ରଥର ୪୨ ଚକ ପାଇଁ ଆବଶ୍ୟକ ୮୪ଟି ଲେଖାଏଁ ପନ୍ଦାରି ଓ ବଳା। ସେଗୁଡ଼ିକର ଆକାର ଭିନ୍ନ ଭିନ୍ନ। ତୁମ୍ବରେ ଅଖ ଭୁଞ୍ଜାଯିବ। ଠାକୁରଙ୍କ ରଥ ଅଖର ଆକାର ବଡ଼ରୁ ସାନ ହୁଏ। ସେହି ଅନୁସାରେ ବଡ଼ସାନ ହୋଇ ତିଆରି ହୁଏ ପନ୍ଦାରି ଓ ବଳା । ସେଥିରେ ୪ଟି ଚାବି ଲାଗି ତୁମ୍ବକୁ ମଜଭୁତ କରାଯିବ । ଯେପରି ରଥ ଗଡ଼ିଲାବେଳେ ତୁମ୍ବରୁ ଅଖ ଖସି ନଯାଏ । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ନିର୍ମାଣ ସମାନୁପାତିକ ଭାବେ ଚାଲିଛି । ନୃସିଂହ ଚର୍ତୁଦ୍ଦଶୀ ପରେ ରଥ କାମ ଆହୁରି ଗତି ଧରିବ।

# ଚନ୍ଦନଯାତ୍ରାରେ ବିବାଦ ପ୍ରସଙ୍ଗ : ରିପୋର୍ଟ ଆସିବା ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ : ଜିଲ୍ଲାପାଳ




ପୁରୀ,୨୯।୪ ନ୍ୟୁଜ ବ୍ୟୁରୋ

ଚନ୍ଦନଯାତ୍ରା ବିବାଦ ପ୍ରସଙ୍ଗ । ଶ୍ରୀମନ୍ଦିର ପ୍ରଶାସନର ହସ୍ତକ୍ଷେପ ପରେ ବିବାଦର ସମାଧାନ ହୋଇଛି। ଶ୍ରୀମନ୍ଦିର କମାଣ୍ଡରଙ୍କୁ ଏନେଇ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି। ପ୍ରବଳ ପବନ ଯୋଗୁଁ ଦିନ ଚାପ ଅସମ୍ଭବ ଥିଲା। ସେବାୟତଙ୍କ ମଧ୍ୟରେ ବିବାଦ ଲାଗି ରାତି ଚାପ ହୋଇପାରିନଥିଲା । ଏବେ ବିବାଦ ନେଇ ବୈଠକ ବସିଥିଲା । ଯେଉଁଥିରେ ମହାପ୍ରଭୁଙ୍କ ଚାପ ନୀତିକୁ ଶୃଙ୍ଖଳିତ କରିବାକୁ ସେବାୟତମାନେ ପ୍ରତିଶ୍ରୁତି ଦେଇଛନ୍ତି । ଖାଲି ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଚନ୍ଦନ ଯାତ୍ରାର ନବମ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳି ପାରିଲେନି ଠାକୁର। ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ଘଟିଛି ଏଭଳି ଘଟଣା। ଚାପ ନଖେଳି ଦୀର୍ଘ ସମୟ ଧରି ଚାପ ଡଙ୍ଗାରେ ବସି ରହିଥିଲେ ମଦନମୋହନ, ରାମକୃଷ୍ଣ ଏବଂ ପଞ୍ଚୁପାଣ୍ଡବ। ମହାପ୍ରଭୁ ଚାପ ରେ ବିଜେ ହୋଇ ସାରିଥିବାବେଳେ ଜଳକ୍ରୀଡା ପାଇଁ ମଧ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତେବେ ଚାପ ଉପରେ ଉପସ୍ଥିତିକୁ ନେଇ ଦୁଇ ସେବାୟତ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଗୋଟିଏ ସେବାୟତ ଗୋଷ୍ଠୀ ଚାପ ଉପରେ ରହିବା ପାଇଁ ରେକର୍ଡ ଅଫ୍ ରାଇଟରେ ଥିବା ଦାବି କରିଥିବା ବେଳେ ଅନ୍ୟ ଏକ ସେବାୟତ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଯାହାଫଳରେ ବିବାଦ ଉଗ୍ରରୂପ ଧାରଣ କରିବା ଫଳରେ ରାତ୍ରି ଚାପ ଅନୁଷ୍ଠିତ ହୋଇପାରିନଥିଲା। ସମସ୍ୟାର ସମାଧାନ ନେଇ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଠାକୁରଙ୍କ ଚାପ ଖେଳ ଦର୍ଶନ କରିନପାରି ତୀବ୍ର ଅସନ୍ତୋଷ ପ୍ରକାଶ କଲେ ଶ୍ରଦ୍ଧାଳୁ। ଏହି ପ୍ରସଙ୍ଗ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ।

## ଡିଜିଟାଲ ଠକେଇ ଉପରେ ସରକାରଙ୍କ ବଡ ଆକ୍ସନ

# ଏଣିକି ସିମ୍ ପାଇଁ ବାୟୋମେଟ୍ରିକ୍ ବାଧ୍ୟତାମୂଳକ



ନୂଆଦିଲ୍ଲୀ ୨୯।୪

ଦେଶରେ ବଢ଼ୁଥିବା ଡିଜିଟାଲ ଠକେଇ ବର୍ତ୍ତମାନ ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି । ପ୍ରତିଦିନ ସାଧାରଣ ଲୋକେ କୋଟି କୋଟି ଟଙ୍କା ହରାଇ ସର୍ବସ୍ୱାନ୍ତ ହେଉଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଛନ୍ତି । ଏହି ସମ୍ପର୍କରେ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇ ସରକାର କହିଛନ୍ତି ଯେ, ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଠକେଇ ରୋକିବାକୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଠକେଇ ରୋକିବା ପାଇଁ ସରକାର ସର୍ବଭାରତୀୟ ସ୍ତରରେ ବାୟୋମେଟ୍ରିକ୍ ସିମ୍ ଯାଞ୍ଚ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି । ଏଣିକି ସନ୍ଦେହଜନକ କାରବାରରେ ବ୍ୟବହୃତ ହେଉଥିବା ସିମ୍ କାର୍ଡଗୁଡ଼ିକୁ ତୁରନ୍ତ ବନ୍ଦ କରିଦିଆଯିବ । ଏହା ସହିତ 'ସିମ୍ ବାଇଣ୍ଡିଂ' ନିୟମ ମଧ ଲାଗୁ ହେବ । ଏହାର ଅର୍ଥ ହେଉଛି, ଯେଉଁ ଡିଭାଇସରେ ସିମ୍ ଥିବ, କେବଳ ସେହି ଡିଭାଇସରେହିଁ ହ୍ୱାଟ୍ସଆପ୍ ଭଳି ଆପ୍ଲିକେସନ୍ କାମ କରିବ । ଏହାଦ୍ୱାରା ଅପରାଧୀମାନେ ଅଲଗା ସିମ୍ ବ୍ୟବହାର କରି ଅନ୍ୟ ନମ୍ବରରୁ ଆପ୍ ଚଳାଇବା ସମ୍ଭବ ହେବ ନାହିଁ । ସରକାରଙ୍କ ପ୍ରସ୍ତାବ ଅନୁଯାୟୀ, ଯଦି କୌଣସି ବ୍ୟାଙ୍କ କାରବାର ସନ୍ଦେହଜନକ ଜଣାପଡ଼େ, ତେବେ ବ୍ୟାଙ୍କ ଖାତାରୁ କଟିବାକୁ ଥିବା ଟଙ୍କାକୁ ଅଳ୍ପ ସମୟ ପାଇଁ ଅଟକାଇ ଦିଆଯିବ। ଏହାଦ୍ୱାରା ଠକେଇର ଶିକାର ହୋଇଥିବା ବ୍ୟକ୍ତି ନିଜ ଟଙ୍କା ଫେରିପାଇବା ପାଇଁ ସୁଯୋଗ ପାଇବେ। ଟେଲିକମ୍ ବିଭାଗ, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ମିଳିତ ଭାବେ ଏହି ବ୍ୟବସ୍ଥା ଉପରେ କାମ କରୁଛନ୍ତି । ଗୃହ ମନ୍ତ୍ରଣାଳୟ ସୁପ୍ରିମକୋର୍ଟଙ୍କୁ ଜଣାଇଛି ଯେ, ବିଶେଷ କରି 'ଡିଜିଟାଲ ଆରେଷ୍ଟ' ମାମଲାରେ ସମ୍ପୃକ୍ତ ଥିବା ପ୍ରାୟ ୯୪୦୦ ହ୍ୱାଟ୍ସଆପ୍ ଆକାଉଣ୍ଟକୁ ଚିହ୍ନଟ କରାଯାଇ ବନ୍ଦ କରାଯାଇଛି । ଠକେଇ ସମ୍ପର୍କିତ ତଥ୍ୟ ମାଗିବା ମାତ୍ରେ ତୁରନ୍ତ ଯୋଗାଇ ଦେବାକୁ ଟେଲିକମ୍ କମ୍ପାନୀ ଏବଂ ପିଓଏସ୍ ଏଜେଣ୍ଟମାନଙ୍କୁ କଠୋର ନିର୍ଦ୍ଦେଶ ଦିଆଯାଇଛି । ଏହା ହେଉଛି ଏକ ଅଭିନବ ଧରଣର ଠକେଇ, ଯେଉଁଠାରେ ଅପରାଧୀମାନେ ନିଜକୁ ପୁଲିସ, ସିବିଆଇ କିମ୍ବା ଅନ୍ୟ ତଦନ୍ତକାରୀ ସଂସ୍ଥାର ଅଧିକାରୀ ଭାବେ ପରିଚୟ ଦେଇ ପୀଡ଼ିତଙ୍କୁ ଭିଡିଓ କଲ୍ କରନ୍ତି। ସେମାନେ ଧମକ ଦିଅନ୍ତି ଯେ: ଆପଣଙ୍କୁ ଗିରଫ କରାଯିବ, ଆପଣଙ୍କ ବ୍ୟାଙ୍କ ଖାତା ଅଚଳ କରିଦିଆଯିବ, ପାସ୍‌ପୋର୍ଟ ଜବତ କରାଯିବ । ଏହିପରି ମାନସିକ ଚାପ ପକାଇ ସେମାନେ 'ଜରିମାନା' କିମ୍ବା 'ସିକ୍ୟୁରିଟି ଡିପୋଜିଟ୍' ନାଁରେ ବହୁ ପରିମାଣର ଟଙ୍କା ହଡ଼ପ କରନ୍ତି। ଏହି ଘୃଣ୍ୟ ଅପରାଧକୁ ରୋକିବା ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଡିଜିଟାଲ ଦୁନିଆରେ ସୁରକ୍ଷିତ ରହିବା ପାଇଁ ସନ୍ଦେହଜନକ କଲ୍ କିମ୍ବା ଲିଙ୍କ୍ ପ୍ରତି ସତର୍କ ରୁହନ୍ତୁ । ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରକୁ କଲ୍ କରନ୍ତୁ କିମ୍ବା www.cybercrime.gov.in ରେ ଅଭିଯୋଗ କରନ୍ତୁ ।

# କାଶୀ ବିଶ୍ୱନାଥ ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରଧାନମନ୍ତ୍ରୀ



ବାରାଣସୀ, ୨୯/୦୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନିଜ ସଂସଦୀୟ କ୍ଷେତ୍ର ବାରାଣସୀ ଗସ୍ତର ଦ୍ୱିତୀୟ ଦିନରେ କାଶୀ ବିଶ୍ୱନାଥ ମନ୍ଦିରରେ ପହଞ୍ଚି ବାବା ବିଶ୍ୱନାଥଙ୍କ ବିଶେଷ ପୂଜାର୍ଚ୍ଚନା କରିଛନ୍ତି। ପ୍ରାୟ ୩୦ ମିନିଟ୍ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ସେଠାରେ ଉପସ୍ଥିତ ଥିବା କୁନି କୁନି ପିଲାମାନଙ୍କୁ ଭେଟି ସେମାନଙ୍କ ସହ କଥା ହୋଇଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମନ୍ଦିର ପରିସରରେ ପ୍ରବେଶ କରିବା ସମୟରେ ବେଦମନ୍ତ୍ର ଏବଂ ଡମ୍ବୁରୁ ବାଦନରେ ପୂରା ପରିବେଶ ଉଛୁଳି ପଡ଼ିଥିଲା। ପୂଜାରୀମାନଙ୍କ ଗହଣରେ ସେ ଗର୍ଭଗୃହକୁ ଯାଇ ବାବା ବିଶ୍ୱନାଥଙ୍କ ଜ୍ୟୋତିର୍ଲିଙ୍ଗ ସମ୍ମୁଖରେ ବସିଥିଲେ।

ଷୋଡ଼ଶୋପଚାର ପୂଜାରେ ମନ୍ଦିରର ବିଶେଷ ପୂଜାରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ସଂକଳ୍ପ କରାଯାଇଥିଲା। ଏହାପରେ ଗଙ୍ଗାଜଳ, ଦୁଗ୍ଧ, ହଳଦୀ ଜଳ ଏବଂ ଅକ୍ଷତରେ ବାବାଙ୍କ ଅଭିଷେକ କରାଯାଇଥିଲା। ଆଳତି ଓ ପ୍ରଦକ୍ଷିଣାରେ ପୂଜା ଶେଷରେ ସେ ପଞ୍ଚଦୀପରେ ବାବାଙ୍କ ଆଳତି କରିବା ସହ ମନ୍ଦିର ପ୍ରଦକ୍ଷିଣା କରିଥିଲେ। ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଙ୍କୁ ତ୍ରିଶୂଳ, ଡମ୍ବରୁ ଏବଂ କାଶୀ ବିଶ୍ୱନାଥ ମନ୍ଦିରର ଏକ ପ୍ରତିକୃତି ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା।

ପୂଜା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାଶୀର କୁନି କୁନି ପିଲାମାନଙ୍କୁ ଭେଟିଥିଲେ। ପିଲାମାନଙ୍କ ଗହଣରେ ସେ ବେଶ୍ ଖୁସି ଜଣାପଡ଼ୁଥିଲେ। ଏହାପୂର୍ବରୁ ସେ 'ବରେକା'ରୁ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୪ କିଲୋମିଟର ରାସ୍ତାରେ ରୋଡ୍ ସୋ' ମାଧ୍ୟମରେ ହଜାର ହଜାର କାଶୀବାସୀଙ୍କ ଅଭିବାଦନ ଗ୍ରହଣ କରିଥିଲେ। ରାସ୍ତାରେ ବିଭିନ୍ନ ସ୍ଥାନରେ ବିଜେପି କର୍ମୀ ଏବଂ ସାଧାରଣ ଜନତା ଫୁଲ ବର୍ଷା କରି ତାଙ୍କୁ ସ୍ୱାଗତ କରିଥିଲେ। କାଶୀରୁ ପୂଜା ସାରି ପ୍ରଧାନମନ୍ତ୍ରୀ ସିଧାସଳଖ ହରଦୋଇ ଜିଲ୍ଲାର ମଲ୍ଲୱାଁ ଅଭିମୁଖେ ଯାଇଥିଲେ। ସେଠାରେ ସେ ଦେଶର ଅନ୍ୟତମ ବୃହତ୍ତମ ପ୍ରକଳ୍ପ ଗଙ୍ଗା ଏକ୍ସପ୍ରେସୱେର ଉଦ୍ଘାଟନ କରିଥିଲେ । ପୂର୍ବରୁ ବାରାଣସୀରେ ପହଞ୍ଚିବା ପରେ ମହିଳାମାନେ ଶଙ୍ଖନାଦ କରି ପ୍ରଧାନମନ୍ତ୍ରୀଙ୍କୁ ଅଭୂତପୂର୍ବ ସ୍ୱାଗତ କରିଥିଲେ, ଯାହା ସାରା ସହରରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କାଶୀ ଏବଂ ପୂରା ଉତ୍ତରପ୍ରଦେଶର ବିକାଶ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସାଜିବ।

# ବିଶିଷ୍ଟ ସ୍ତମ୍ଭକାର ଦୁର୍ଗାଚରଣ ସାହୁ ଅସୁସ୍ଥ



ଭୁବନେଶ୍ୱର, ୨୯/୦୪
ନ୍ୟୁଜ ବ୍ୟୁରୋ

ବିଶିଷ୍ଟ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରଶାସକ ଦୁର୍ଗାଚରଣ ସାହୁ ଗୁରୁତର ଭାବେ ଅସୁସ୍ଥ ହୋଇ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ବିଳମ୍ବରେ ପ୍ରାପ୍ତ ଖବର ଅନୁଯାୟୀ ଗତ ଜାନୁଆରୀ ମାସରୁ ଶ୍ରୀ ସାହୁ ରାଜାରାଣୀ ମନ୍ଦିର ଅଞ୍ଚଳରେ ଥିବା ତାଙ୍କ ବାସଭବନରେ ତାଙ୍କର ପରବର୍ତ୍ତୀ ପୁସ୍ତକ ପ୍ରକାଶ ପୂର୍ବରୁ ଆନୁଷଙ୍ଗୀକ ଲେଖନୀ କାର୍ଯ୍ୟ ସମାପନ କରିବା ଅବସରରେ ମସ୍ତିଷ୍କ ଆଘାତର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଏକ ଘରୋଇ ହାସପାତାଳରେ ଚିକିତ୍ସାପାଇଁ ଭର୍ତ୍ତି କରିବା ସମୟରେ ଗଭୀର ହୃଦ୍‌ଘାତର ସମ୍ମୁଖୀନ ହେବାକୁ ପଡିଥିଲା। ତାଙ୍କ ପରିବାରର ସଦସ୍ୟମାନେ ତାଙ୍କ ନିକଟରେ ରହି ଏ ପର୍ଯ୍ୟନ୍ତ ତାଙ୍କର ସେବା ଶୁଶ୍ରୁଷା ଚଳାଇଛନ୍ତି। ଶ୍ରୀ ସାହୁ 'ସମ୍ବାଦ କଳିକା'ରେ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିୟମିତ ସ୍ତମ୍ଭରେ ପୌରାଣିକ, ଧାର୍ମିକ, ଐତିହାସିକ ତଥା ବିଶ୍ୱ ଭ୍ରମଣ କାହାଣୀ ଲେଖି ଆସିଛନ୍ତି। ତାଙ୍କର ନିୟମିତ ସ୍ତମ୍ଭ କିଛିଦିନ ଧରି ବନ୍ଦ୍ ରହିବା କାରଣ ତାଙ୍କ ପାଠକମାନଙ୍କୁ ଉଦ୍‌ବେଳିତ କରିଥିଲା। ବହୁତ ପୁସ୍ତକ ସେ ରଚନା କରିଛନ୍ତି। ଭାରତୀୟ ବିଦ୍ୟା ଭବନରେ ସେ ଜଣେ ସକ୍ରିୟ ସଦସ୍ୟ ରହି ଆଲୋଚିତ ବିଭିନ୍ନ ଉତ୍ସବରେ ନିଜର ଉପସ୍ଥିତିକୁ ପ୍ରଦର୍ଶନ କରି ଆସିଛନ୍ତି। ଜଣେ ବାଗ୍ମୀ ପଣ୍ଡିତ ହିସାବରେ ସେ ପାଠକ ମହଲରେ ସଦା ସର୍ବଦା ଆଦୃତ ହୋଇ ଆସିଛନ୍ତି। 'ଗୀତ ଗୋବିନ୍ଦ' ନିଜସ୍ୱ ଶୈଳିରେ ନିୟମିତ ତଥ୍ୟ ସମ୍ବଳିତ ଉପସ୍ଥାପନା ତାଙ୍କୁ ପାଠକ ମହଲରେ ପରିଚିତ କରାଇପାରିଥିଲା। 'କାବ୍ୟ କୌଣ୍ଡିନ୍ୟ'ଲେଖା ମାଧମରେ ଓଡ଼ିଶାର ପ୍ରାଚୀନ ଐତିହ୍ୟ ସଂପର୍କରେ ଉଭୟ କବିତା ଓ ଐତିହାସିକ ତଥ୍ୟ କାଳ୍ପନିକ ସ୍ପର୍ଶରେ ରଚନା କରିବାରେ ସେ ସିଦ୍ଧହସ୍ତ। ତାଙ୍କର ରଚନାଶୈଳି ଅତ୍ୟନ୍ତ ଉଚ୍ଚକୋଟିର। ଭଞ୍ଜ ସାହିତ୍ୟ ଭଳି ସେ ମଧ ବର୍ଣ୍ଣାକ୍ଷରରେ କବିତା ରଚନା କରିବାରେ ଦକ୍ଷତା ରଖନ୍ତି। ତାଙ୍କର ଶାରୀରିକ ଅସୁସ୍ଥତା ତାଙ୍କୁ ପାଠକମାନଙ୍କ ନିକଟରୁ ଦୂରେଇଦେବା ଘଟଣା ସବୁ ମହଲରେ ଉଦ୍‌ବେଗ ଓ ଚିନ୍ତାର କାରଣ ହୋଇଛି । ସମ୍ବାଦ କଳିକା ପରିବାର ତାଙ୍କର ଆଶୁ ଆରୋଗ୍ୟ କାମନା କରି ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଶ୍ରୀମନ୍ଦିରେ ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯/୦୪/୨୦୨୬
୫,୯୫,୮୮୭/- ଟଙ୍କା
ସୁନା:-୦୭ଗ୍ରାମ୍୦୫୦ ମିଲିଗ୍ରାମ
ରୂପା:-୩୬ଗ୍ରାମ୍୭୫୦ ମିଲିଗ୍ରାମ

## ସଂଶୋଧନ ହେବ ହାଇକୋର୍ଟର ବନାନଗତ ତ୍ରୁଟି

# ଓରିଶା ନୁହେଁ, ହେବ ଓଡ଼ିଶା ହାଇକୋର୍ଟ




କଟକ, ୨୯/୦୪
ନ୍ୟୁଜ ବ୍ୟୁରୋ

ଓଡ଼ିଆ ଅସ୍ମିତାର ଆଉ ଏକ ପରିଚୟ ଦେଉଛି ଓଡ଼ିଶା ହାଇକୋର୍ଟ। ବିଧି, ବ୍ୟବସ୍ଥା, ଆଇନକୁ କାର୍ଯ୍ୟକାରୀ କରିବା ଯାହାର ମୂଳ ଲକ୍ଷ୍ୟ । ହେଲେ ଓଡ଼ିଶା ହାଇକୋର୍ଟର ବିକୃତ ବନାନ ଖାଣ୍ଟି ଓଡ଼ିଆଙ୍କୁ ବୋଧଗମ୍ୟ ହେଉନି। ସରକାର ପରେ ସରକାର ବଦଳିଛି, ହେଲେ କେହି ଦୃଷ୍ଟି ଦେଇନାହାନ୍ତି। କେବେ ଓରିଶା ହାଇକୋର୍ଟ ବଦଳରେ ଓଡ଼ିଶା ହାଇକୋର୍ଟ ହେବ ?

ଓଡ଼ିଶା ଛାଡି ଇଂରେଜ ଗଲେଣି, ହେଲେ ଏବେବି ତାଙ୍କର ଛାପ ଯାଇନି। ୧୯୩୬ରେ ସ୍ୱତନ୍ତ୍ର ଭାଷା ଭିତ୍ତିକ ପ୍ରଦେଶର ମାନ୍ୟତା ପାଇଥିଲେ ବି ଏବେ ଓଡ଼ିଆ ଭାଷାର ବିକୃତ ଲେଖା ହଟିନି । ଓଡ଼ିଆ ଭାଷାରେ ପ୍ରଶାସନିକ କାର୍ଯ୍ୟ କରିବା ଦିଗରେ ଗୁରୁତ୍ୱ ଦେଉଛନ୍ତି ମୋହନ ସରକାର। ଏପରିକି ୨୩ ଜିଲ୍ଲାର ଇଂରାଜୀ ବନାନଗତ ତ୍ରୁଟି ସଂଶୋଧନ ପାଇଁ ମଧ ପ୍ରସ୍ତାବ ମାଗିଛନ୍ତି । ହେଲେ ସରକାରଙ୍କ ନଜର ଆଢୁଆଳରେ ରହିଯାଇଛି ଓଡ଼ିଶା ହାଇକୋର୍ଟ। ଯେଉଁଠି ଆଇନ ସର୍ବୋପରି, ବିଚାରପତି ନ୍ୟାୟ ଦେଉଛନ୍ତି ସେଠି ଓଡ଼ିଆ ଭାଷା ପରିଚୟ ଖୋଜୁଛି। ବହୁ ବିଳମ୍ବ ହେଲେ ବି ରାଜସ୍ୱ ବିଭାଗ ଓଡ଼ିଶା ହାଇକୋର୍ଟର ବନାନଗତ ତ୍ରୁଟି ସଂଶୋଧନ ପାଇଁ ତତ୍ପରତା ଦେଖାଇଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ କହିଛନ୍ତି, ଖୁବ୍ ଶୀଘ୍ର ହାଇକୋର୍ଟ ବିଚାରପତିଙ୍କ ସହିତ ଆଲୋଚନା କରାଯିବ ଓ ଏହାର ସଂଶୋଧନ କରାଯିବ। ଜଟିଳ ପ୍ରକ୍ରିୟା ହେଲେ ବି ଏହାର ସଂଶୋଧନ କରାଯିବ । ୨୦୧୧, ନଭେମ୍ବର ୧ ତାରିଖରେ ସରକାରୀ ଭାବେ ଇଂରାଜୀରେ ଓରିଶା ବଦଳରେ ଓଡ଼ିଶା ହୋଇଥିଲା । ଏଥିପାଇଁ ବିଧାନସଭାରେ ଆଇନ ଅଣାଯିବା ସହିତ ସଂସଦରେ ମଧ ସମ୍ବିଧାନ ସଂଶୋଧନ କରାଯାଇଥିଲା । ଏଥିପାଇଁ ୨୦୦୮ ଅଗଷ୍ଟ ୨୮ରେ ବିଧାନସଭାରେ ବିଲପାସ୍ ହେବା ପରେ ସେହି ବର୍ଷ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା । ରାଜ୍ୟରେ ଅନେକ ବନାନଗତ ତ୍ରୁଟିର ପରିବର୍ତ୍ତନ ହୋଇଥିଲେ ବି ହାଇକୋର୍ଟର ଅଶୁଦ୍ଧି ବନାନ ଆଜି ବି ବଳବତ୍ତର ରହିଆସିଛି । ଓଡ଼ିଆ ଭାଷା ସଂଶୋଧନ ଓ କାର୍ଯ୍ୟକାରୀତାକୁ ୧୫ ବର୍ଷ ବିତିଯାଇଛି। ହେଲେ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହାର ସଂଶୋଧନ ହୋଇପାରିନି । ଯଦି ଏହା କାର୍ଯ୍ୟକାରୀ ହେବ ତାହା ଓଡ଼ିଆ ଭାଷା ପାଇଁ ଏକ ବଡ ଉପଲବ୍ଧି ହେବ।


## ଏବେ ବଜାରରେ ଉପଲବ୍ଧ...

### "କଥାକଳିକା"
### ବୈଶାଖ ସଂଖ୍ୟା-୨୦୨୬




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି
**ସମକାଳର କଥା :** ସୁରେଶ କୁମାର ନାଗ, ମଣିରାମ ଜେନା, ଲିପିକା ଦାସପଟ୍ଟନାୟକ, ଉମାକାନ୍ତ ରାଉତ (ଅରୂପ), ସୁଶୀଲ କୁମାର ପାଣିଗ୍ରାହୀ, ସଚ୍ଚିଦାନନ୍ଦ କର, କମଳିନୀ ମଲ୍ଲିକ୍, ଲିପ୍‌ସା ପଟେଲ, ପ୍ରଣତି ଆଚାର୍ଯ୍ୟ ମିଶ୍ର, ରାଜଲକ୍ଷ୍ମୀ ତ୍ରିପାଠୀ, ସଂଯୁକ୍ତା ଦାଶ, ଚନ୍ଦ୍ରମୋହନ ମହାପାତ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ।
**ଅନ୍ୟ ଭାଷାର କଥା :** ଚଣ୍ଡିଦତ୍ତ ଶୁକ୍ଳ, ନଗେନ୍ଦ୍ରନାଥ ପଟ୍ଟନାୟକ।
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସ୍ନିଗ୍ଧା ସାହୁ, ଗୀତାଞ୍ଜଳି ସ୍ୱାଇଁ, ଗୀତାରାଣୀ ବିଷୋୟୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)





ସମ୍ପାଦକୀୟ
ପୃଷ୍ଠା-୪

THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା

ଅସ୍ତିତ୍ୱ ହରାଉଛି 'ଉତ୍କଳ ଆର୍ଟ ୱାର୍କସ'

୨୦୨୪-୨୫ ତୁଳନାରେ ୧୬ ପ୍ରତିଶତ ଅଧିକ ସାମୁଦ୍ରିକ ଖାଦ୍ୟ ରପ୍ତାନି

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ଜେଲରେ ରହି ମୁଖ୍ୟମନ୍ତ୍ରୀ-ମନ୍ତ୍ରୀ ଚଳାଇ ପାରିବେନି ସରକାର : ଅପରାଜିତା



ଭୁବନେଶ୍ୱର, ୨୯/୦୪
ନ୍ୟୁଜ ବ୍ୟୁରୋ

ଜେଲ୍ ଭିତରେ ରହି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଚଳେଇପାରିବେ ନାହିଁ ସରକାର। ଯଦି ୩୦ ଦିନ ଜେଲରେ ରହନ୍ତି ତେବେ ୩୧ ଦିନ ବେଳକୁ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସଭ୍ୟ ପଦ ହରାଇବେ ବୋଲି କହିଛନ୍ତି ସାଂସଦ ତଥା ସଂଯୁକ୍ତ ସଂସଦୀୟ ସମିତି ଅଧକ୍ଷ ଅପରାଜିତା ଷଡଙ୍ଗୀ ।

ଓଡ଼ିଶାରେ ଅନୁଷ୍ଠିତ ହୋଇ ଯାଇଛି ସଂଯୁକ୍ତ ସଂସଦୀୟ ସମିତିର ବୈଠକ। ବୁଧବାର ଭୁବନେଶ୍ୱରରେ ଏକ ଘରୋଇ ହୋଟେଲରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ୫ଟି ଅନୁଷ୍ଠାନ ସହ କରାଯାଇଛି ବିଧେୟକ ବାବଦରେ ଆଲୋଚନା ।

ସଂଯୁକ୍ତ ସଂସଦୀୟ ସମିତି ଅଧକ୍ଷ ଅପରାଜିତା ଷଡଙ୍ଗୀ କହିଛନ୍ତି, ବୈଠକରେ ସଂଯୁକ୍ତ ସଂସଦୀୟ ସମିତିର ବରିଷ୍ଠ ସଦସ୍ୟମାନେ ଏକାଠି ହୋଇଥିଲେ । ୨୦୨୫, ଅଗଷ୍ଟ ୨୦ ଲୋକସଭାରେ ଗୃହମନ୍ତ୍ରୀଙ୍କ ଦ୍ୱାରା ଆଗତ ୩ଟି ବିଧେୟକ ଉପସ୍ଥାପିତ ହୋଇଥିଲା। ଏହି ବିଲ୍ ପ୍ରକୃତିରେ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସେମାନଙ୍କର ଏକ ଦୀର୍ଘକାଳୀନ ଦୃଷ୍ଟିକୋଣ ରହିଛି। ଏହି ତିନୋଟି ବିଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମ୍ବିଧାନିକ ନୈତିକତାକୁ ସୁରକ୍ଷା ଦେବା ଏବଂ ରାଜନୀତିକୁ ଅପରାଧମୁକ୍ତ କରିବା। ଆମକୁ ଆମର ଗଣତନ୍ତ୍ରକୁ ବହୁତ ସ୍ୱଚ୍ଛ, ସ୍ପନ୍ଦନଶୀଳ ଏବଂ ଅପରାଧ ମୁକ୍ତ କରିବାକୁ ପଡିବ। ହେଲେ ଯେତେବେଳେ ଏହି ବିଲ୍ ଅଣାଗଲା, ଲୋକସଭାରେ ବହୁତ ହଙ୍ଗାମା ହୋଇଥିଲା। ତା'ପରେ ୨୦୨୫, ନଭେମ୍ବର ୧୨ରେ ଏକ ମିଳିତ ସଂସଦୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

ଅପରାଜିତା ଷଡଙ୍ଗୀ କହିଛନ୍ତି, ଏହି ତିନୋଟି ବିଲ୍ ମିଳିତ ସଂସଦୀୟ କମିଟିକୁ ପଠାଯାଇଥିଲା। ୨୦୨୫, ଡିସେମ୍ବର ୪ରେ ବିଲ୍‌ର ବିଭିନ୍ନ ବ୍ୟବସ୍ଥା ଉପରେ ବିଚାର ବିମର୍ଶ କରିବା ପାଇଁ ମିଳିତ ସଂସଦୀୟ କମିଟି ପ୍ରଥମ ଥର ପାଇଁ ବୈଠକ କରିଥିଲା । ଏହି କମିଟି ବିଭିନ୍ନ ରାଜ୍ୟ ବୁଲି ସମସ୍ତଙ୍କର ମତାମତ ନେଉଛି । ୪ ଡିସେମ୍ବର ପରଠୁ ୩୦ଟି ଅନୁଷ୍ଠାନ ସହ ଆଲୋଚନା କରିଛୁ। ମଧ୍ୟପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ରାଜସ୍ଥାନ ଓ ଓଡ଼ିଶା ସରକାରଙ୍କ ବରିଷ୍ଠ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛୁ। ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ଜୁଡିସିଆଲ ଏକାଡେମୀ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭେଲପମେଣ୍ଟ ଷ୍ଟଡିଜ ସହ ଆଲୋଚନ ହୋଇଛି। ସମସ୍ତଙ୍କ କଥା ଶୁଣିବା ପରେ କମିଟି ଏହା ଉପରେ ଆଲୋଚନା କରିବ ଏବଂ ଲୋକସଭାରେ ରିପୋର୍ଟ ଉପସ୍ଥାପନ କରିବ।

ସଂଯୁକ୍ତ ସଂସଦୀୟ ସମିତି ଅଧକ୍ଷ କହିଛନ୍ତି, ରାଜନୀତିରେ ଥିବା ଅପରାଧିକରଣର ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖାଯାଇଛି। ଶାସନରେ ଥିବା ଲୋକଙ୍କର ଆଇନ କିଛି କରିପାରିବନି ଏଭଳି ଭାବନା ଲୋକଙ୍କ ମନରୁ ଆମେ ଦୂର କରିବୁ। ଯେଉଁ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଯଦି ୩୦ ଦିନ ଜେଲରେ ରୁହନ୍ତି ସେମାନେ ନିଜର ସଭ୍ୟପଦ ହରାଇବେ। କୌଣସି ସରକାରୀ କାଗଜପତ୍ର କାମ କରିପାରିବେ ନାହିଁ। ଏହା ୩ ବିଧେୟକର ମୁଖ୍ୟ ଉଦ୍ଦେଶ୍ୟ।